# ଶ୍ରମିକ କଲ୍ୟାଣ ଯୋଜନା ବାଟବଣା

## ଉପକୃତ ହେଉନାହାନ୍ତି ପ୍ରକୃତ ହିତାଧିକାରୀ

**ବ୍ୟାସନଗର,୩।୫(ପବିତ୍ର ରଞ୍ଜନ ମହାନ୍ତି):**

କେନ୍ଦ୍ର ଓ ରାଜ୍ୟ ସରକାର କୁଶଳୀ, ଅଣକୁଶଳୀ ଓ କୋଠାବାଡ଼ି ନିର୍ମାଣ ଶ୍ରମିକଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ଯୋଜନାଗୁଡ଼ିକ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚୁ ନ ଥିବା ଅଭିଯୋଗ ହେଉଛି। ରାଜ୍ୟର ବିଭିନ୍ନ ଜିଲାରେ ଶ୍ରମିକଙ୍କ କଲ୍ୟାଣ ପାଇଁ ଶ୍ରମ କାର୍ଯ୍ୟାଳୟ ଖୋଲାଯାଇଛି। ଏହି କାର୍ଯ୍ୟାଳୟରେ ଶ୍ରମିକ ନିଜ ନାମ ପଞ୍ଜୀକୃତ କଲେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଲେବର କାର୍ଡ ସହ ବିଭିନ୍ନ ସହାୟତା ଓ ଯନ୍ତ୍ରପାତି ଯୋଗାଇ ଦେବାର ନିୟମ ରହିଛି। ସେମାନଙ୍କ ପିଲାଙ୍କ ପାଠପଢ଼ା, ଝିଅ ବାହାଘର ଓ ଶ୍ରମିକଙ୍କ ମୃତ୍ୟୁ କ୍ଷେତ୍ରରେ ମଧ୍ୟ ପରିବାର ଲୋକଙ୍କୁ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏ ବାବଦରେ ସରକାର ବିପୁଳ ଟଙ୍କା ପ୍ରଦାନ କରୁଛନ୍ତି। କିନ୍ତୁ ଦେଖିବାକୁ ଗଲେ ତୃଣମୂଳସ୍ତରରେ ଏହାର ଠିକ ବିନିଯୋଗ ହୋଇପାରୁନାହିଁ। କେତେଜଣ ଅସାଧୁବ୍ୟକ୍ତି ନିଜକୁ ଶ୍ରମିକ ସଂଗଠନ ନେତା କହି ଅଣଶ୍ରମିକଙ୍କ ନାମ ପଞ୍ଜୀକୃତ କରି ସେମାନଙ୍କୁ ବିଭିନ୍ନ ଯୋଜନାରେ ସହାୟତା ରାଶି ପ୍ରଦାନ କରୁଛନ୍ତି। ପରେ ସେହି ସହାୟତା ରାଶିକୁ କେତେଜଣ ଅସାଧୁ ଶ୍ରମ ଅଧିକାରୀଙ୍କ ସହ ଭାଗବଣ୍ଟା କରି ନେଉଛନ୍ତି। ଏହାଦ୍ୱାରା ବିପୁଳ ଟଙ୍କା ଆତ୍ମସାତ ହେଉଛି।

ଯାଜପୁର ଜିଲାରେ ହାରାହାରି ୧ ଲକ୍ଷରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ନାମ ପଞ୍ଜୀକୃତ କରିଛନ୍ତି। ସେମାନଙ୍କୁ ଶ୍ରମକାର୍ଡ ଯୋଗାଇ ଦିଆଯାଇଥିବା ଶ୍ରମ କାର୍ଯ୍ୟାଳୟ ତଥ୍ୟ କହୁଛି। ଏହି ପଞ୍ଜୀକୃତ ଶ୍ରମିକମାନେ ଅଧିକାଂଶ ଅଣଶ୍ରମିକ। ଶ୍ରମ କାର୍ଯ୍ୟାଳୟରେ ରାତିଦିନ ପଡ଼ିରହୁଥିବା କେତେଜଣ ଦଲାଲ ନିଜକୁ ଶ୍ରମିକ ନେତା କହି ଅର୍ଥ ରୋଜଗାର କରୁଛନ୍ତି। ଜିଲା ଶ୍ରମ କାର୍ଯ୍ୟାଳୟର କେତେଜଣ ଅସାଧୁ କର୍ମଚାରୀ ଏହି ଶ୍ରମିକ ନେତା ବୋଲାଉଥିବା ଦଲାଲଙ୍କୁ ହାତକରି ମାଲେମାଲ ହେଉଛନ୍ତି। ଅନେକ ସମୟରେ ସାଧାରଣ ଶ୍ରମିକ ନାମ ପଞ୍ଜୀକୃତ କରିବାକୁ ଯାଇ ହତାଶ ହୋଇଫେରୁଛନ୍ତି। ସେମାନଙ୍କୁ ନାମ ପଞ୍ଜୀକୃତ ପାଇଁ ଏହି ଦଲାଲଙ୍କ ଦ୍ୱାରା ଲାଞ୍ଚ ମଗାଯାଉଥିବା କେତେଜଣ ଶ୍ରମିକ ଅଭିଯୋଗ କରିଛନ୍ତି। ନାମ ପଞ୍ଜୀକୃତ କରିଥିବା ପ୍ରକୃତ ହିତାଧିକାରୀଙ୍କୁ ବର୍ଷବର୍ଷ ଧରିବିବାହ, ଶିକ୍ଷା ସହାୟତା, ମାତୃତ୍ୱ ସହାୟତା ଆଦିମିଳି ପାରୁନାହିଁ। ମାତ୍ର ବର୍ଷକ ମଧ୍ୟରେ ନାମ ପଞ୍ଜୀକୃତ କରିଥିବା ହିତାଧିକାରୀଙ୍କୁ ଦଲାଲଙ୍କ ସୁପାରିସରେ ସହାୟତା ରାଶି ଯୋଗାଇ ଦିଆଯାଉଥିବା ନଜିର ରହିଛି।

ଯାଜପୁର ଖଣି ଖାଦାନ ଓ ଶିଳ୍ପ ସମୃଦ୍ଧ ଜିଲା ଭାବେ ଖ୍ୟାତିଅର୍ଜନ କରିଛି। ଏହି ଜିଲାର ହଜାରହଜାର ଶ୍ରମିକ ଅନ୍ୟ ରାଜ୍ୟ ଓ ଜିଲାକୁ ଦାଦନ ଖଟିବାକୁ ଯାଇ ନିର୍ଯାତନାର ଶିକାର ହେଉଥିବା ଖବର ଦୈନିକ ଦେଖିବାକୁ ମିଳୁଛି। ଜିଲାର ମଞ୍ଜୁରୀରୋଡ୍, ବନ୍ଧାଲ, ମକୁନ୍ଦପୁର, ବୈତରଣୀ ରୋଡ୍, କୋରେଇ, ଦୁଲାଖାପାଟଣା, ପଚ୍ଛିକୋଟ ଆଦି ଅଞ୍ଚଳରୁ ଦୈନିକ ଟ୍ରେନ ଓ ବସଯୋଗେ ହଜାରହଜାର ଶ୍ରମିକ କାମ ଅନ୍ୱେଷଣରେ ବ୍ୟାସନଗର ସହର, କଟକ ଓ ଭୁବନେଶ୍ୱର ଯାଉଛନ୍ତି। ହେଲେ ସବୁଦିନ ସେମାନଙ୍କୁ କାମ ମିଳୁନାହିଁ। ଏନେଇ କାମ ଅନ୍ୱେଷଣରେ ଯାଉଥିବା ବନ୍ଧାଲ ଗ୍ରାମର ରବୀନ୍ଦ୍ର ସାହୁ, ବୈତରଣୀ ରୋଡ୍‌ର ବଳରାମ ରାଉତ, ବାବନ ସାହୁ ଓ ମକୁନ୍ଦପୁରର ସୂର୍ଯ୍ୟମଣି ସାହୁ କହିଛନ୍ତି, ଗ୍ରାମରେ କାମ ନ ମିଳିବାରୁ ପରିବାର ପ୍ରତିପୋଷଣ ପାଇଁ ସହରକୁ କାମ ସନ୍ଧାନରେ ଯାଉଛୁ। ହେଲେ ଅଧିକାଂଶ ଦିନ କାମ ନ ପାଇ ଫେରୁଛୁ। ନାମ ପଞ୍ଜୀକୃତ ପାଇଁ ଯାଜପୁରରୋଡ୍‌ଠାରେ ଥିବା ଜିଲା ଶ୍ରମ କାର୍ଯ୍ୟାଳୟକୁ ବାରମ୍ବାର ଯାଇ ଫେରିଛୁ। ନାମ ପଞ୍ଜୀକରଣ ପାଇଁ ସେଠାରେ ଥିବା କେତେଜଣ ଅଧିକାରୀ ୨ରୁ୩ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି କହୁଛନ୍ତି। ଆମେ ଗରିବ ଲୋକ, ଖଟିଲେ ଖାଇବୁ ଓ ପିଲାଙ୍କ ମୁହଁରେ ଦାନାଦେବୁ। ଆମେ ଏତେ ଟଙ୍କା କେଉଁଠୁ ଆଣିବୁ ବୋଲି ପ୍ରଶ୍ନ କରିଛନ୍ତି। ତେଣୁ ସରକାରଙ୍କ ଶ୍ରମିକ କଲ୍ୟାଣ ଯୋଜନାରେ ଖର୍ଚ୍ଚ ହେଉଥିବା ଟଙ୍କା କାହା ସ୍ୱାର୍ଥରେ ଓ କେଉଁମାନଙ୍କ ପକେଟକୁ ଯାଉଛି ତାହା ଦତନ୍ତ ସାପେକ୍ଷ ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏଥିପ୍ରତି ଜିଲାପାଳ ଓ ଶ୍ରମ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଶ୍ରମିକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଯାଜପୁର ଜିଲା ଶ୍ରମ ଅଧିକାରୀ ଦେବାଶିଷ ଜେନାଙ୍କୁ ପଚାରିବାରେ ସେ କହିଛନ୍ତି, ଶ୍ରମିକ ପଞ୍ଜୀକରଣ ପାଇଁ ଅର୍ଥ ମଗାଯାଉଥିବା କଥା ଭିତ୍ତିହୀନ। ଏବେ ବହୁ ନିୟମ ପରିବର୍ତ୍ତନ ହୋଇଛି। ଶ୍ରମିକମାନେ ଅନଲାଇନରେ କିମ୍ବା ବ୍ଲକ କାର୍ଯ୍ୟାଳୟରେ ଥିବା ଅଧିକାରୀଙ୍କ ନିକଟରେ ନିଜ ନାମ ପଞ୍ଜୀକରଣ କରିପାରିବେ। ତେବେ ଯଦି ସେପରି କିଛି ଅଭିଯୋଗ ଆସେ ତଦନ୍ତ କରାଯାଇ ନିଶ୍ଚିତଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏବେ ଦେଖିବାକୁ ଅପେକ୍ଷା ଏ ଦିଗରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।


କାମ ଅନ୍ୱେଷଣରେ ବାହାରିଥିବା ଶ୍ରମିକମାନେ।

# ଦଳିତ ସଂଗଠନ ପକ୍ଷରୁ ବୁଦ୍ଧ ଜୟନ୍ତୀ


ବୃଦ୍ଧ ଜୟନ୍ତୀ ସମାରୋହରେ ଯୋଗ ଦେଇଥିବା ଅତିଥି ଓ କର୍ମକର୍ତ୍ତା।

**କାଏମା,୩।୫(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ଦଳିତ ସମାଜ ପକ୍ଷରୁ ଜରାକାସ୍ଥିତ ଆମ୍ବେଡକର ଭବନଠାରେ ବୁଦ୍ଧଜୟନ୍ତୀ ପାଳିତ ହୋଇଯାଇଛି। ଦଳିତନେତା ନାରାୟଣ ମଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପୁରୁଷୋତ୍ତମ ଜେନା, ମୁଖ୍ୟବ୍ୟକ୍ତାଭାବେ ଖବରଦାତା ଦୀପକ କୁମାର ମଲିକ, ସମ୍ମାନିତ ଅତିଥି ଭାବେ ଉତ୍କଳ ସାଗର ଏଜୁକେଶନ ଟ୍ରଷ୍ଟ ଅଧ୍ୟକ୍ଷ ଅଜିତ ମଲିକ ଯୋଗଦେଇ ବୁଦ୍ଧଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହିଅବସରରେ ସଂଗଠନ ପକ୍ଷରୁ ମୁଖ୍ୟଅତିଥି ଓ ମୁଖ୍ୟବକ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନାମ ମଲିକ, ସୁରେନ୍ଦ୍ର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚମ୍ପାଦେବୀ,ଭୀମସେନ ଟ୍ରଷ୍ଟର ବାର୍ଷିକ ଉତ୍ସବ


ଉତ୍ସବରେ ମଞ୍ଚାସୀନ ଅତିଥି।

**ବଡ଼ଚଣା,୩।୫(ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଶାନ୍ତିପୁର ପଞ୍ଚାୟତ ଶାନ୍ତିପୁର ଗ୍ରାମର ଚମ୍ପାଦେବୀ ଭୀମସେନ ଚାରିଟେବୁଲ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ହରପ୍ରିୟା ପାଣିଗ୍ରାହୀ, ମୁଖ୍ୟବକ୍ତାଭାବେ କବି ଭକ୍ତ ଚରଣ ସାହୁ, ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ୍ ସଭାପତି ଦେବରାଜ ବେହେରା, ସମର କେତନ ଲେଙ୍କା, ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ସେଠୀ, ସରପଞ୍ଚ ମୀନକେତନ ସେଠୀ, ସମିତିସଭ୍ୟ ରବୀନ୍ଦ୍ର କୁମାର ସେଠୀ, ଆଇନଜୀବୀ ଜ୍ୟୋତି ପ୍ରକାଶ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ମାନଗୋବିନ୍ଦ ସେଠୀ ଅଧ୍ୟକ୍ଷତା କରିଥଲେ। ପ୍ରାରମ୍ଭରେ ସମସ୍ତ ଅତିଥି ସ୍ୱର୍ଗୀୟ ଚମ୍ପାଦେବୀ, ଭୀମସେନଙ୍କ ଫଟୋ ଚିତ୍ରରେ ପୁଷ୍ପଗୁଚ୍ଛ ପ୍ରଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଖାଦ୍ୟ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ

**ଯାଜପୁର ଟାଉନ,୩।୫ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଓଡ଼ିଶା ଫୁଡ୍ ସେଫ୍ଟି କମିଶନରଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଜିଲା ଖାଦ୍ୟ ସୁରକ୍ଷା ବିଭାଗ ଏବଂ ଟ୍ରେନିଂ ସହଯୋଗୀ ଉତ୍ସର୍ଗ ଅନୁଷ୍ଠାନର ମିଳିତ ସହଯୋଗରେ ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ଖାଦ୍ୟ ସୁରକ୍ଷା ଏବଂ ସ୍ୱଚ୍ଛତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନୱାଡି କେନ୍ଦ୍ରରେ ଖାଦ୍ୟ ପ୍ରସ୍ତୁତି ଏବଂ ବିତରଣ କାର୍ଯ୍ୟରେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିବା ଅଙ୍ଗନୱାଡ଼ି କର୍ମୀଙ୍କୁ ଏହି ତାଲିମ ଦିଆଯାଇଛି। ଏପ୍ରିଲ ୨୯ ଏବଂ ୩୦ ତାରିଖ ଦୁଇ ଦିନ ଧରି ତାଲିମ କାର୍ଯ୍ୟକ୍ରମ ଚାଲିଥିଲା। ୪ ବ୍ୟାଚ୍‌ରେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଅଙ୍ଗନୱାଡ଼ି କର୍ମୀ ଏଥିରେ ଖାଦ୍ୟ ସୁରକ୍ଷା ସମ୍ବନ୍ଧୀୟ ତାଲିମ ଗ୍ରହଣ କରିଥିଲେ। ଫୁଡ୍ ସେଫ୍ଟି ଟ୍ରେନରଙ୍କ ଦ୍ୱାରା ଶିଶୁଙ୍କ ପାଇଁ ହେଉଥିବା ରନ୍ଧା ଖାଦ୍ୟର ସ୍ୱଚ୍ଛତା ବଜାୟ ରଖିବା, ସୁରକ୍ଷା ଦିଗ ପ୍ରତି ଧ୍ୟାନ ଦେବା ସହ ଅଘଟଣ ରୋକିବା, ଖାଦ୍ୟ ସୁରକ୍ଷା ପଛର ବିଜ୍ଞାନ, ଖାଦ୍ୟ ସଂରକ୍ଷଣ ଇତ୍ୟାଦି ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଏହାସହ ତାଲିମ ନେଇଥିବା ଅଙ୍ଗନୱାଡି କର୍ମୀଙ୍କୁ ଫୁଡ୍ ସେଫ୍ଟି ଟ୍ରେନିଂ ସାର୍ଟିଫିକେଟ ପ୍ରଦାନ କରାଯିବ। ଆଗକୁ ଅନଲାଇନ୍ ପଞ୍ଜୀକରଣ କରି ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରକୁ ଫୁଡ୍ ଲାଇସେନ୍ସ ପ୍ରଦାନ କରାଯିବା ନେଇ ମଧ୍ୟ ଯୋଜନା ରହିଛି। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଜୟ କୁମାର ମିଶ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ରାକେଶ କୁମାର ସାହୁ, ଜିଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁଙ୍କ ସହ ବିଭାଗୀୟ ଅଧିକାରୀ ଏବଂ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ।

# ଦାବି ହାସଲ ପାଇଁ ଏକତ୍ରିତ ହେବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଶ୍ରମିକମାନେ।

## ନେସ୍କୋ ଠିକା ଶ୍ରମିକ ସଂଘର ବିଶ୍ୱ ଶ୍ରମିକ ଦିବସ

**କାଏମା,୩।୫(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଯାଜପୁର ନେସ୍କୋ ଠିକା ଶ୍ରମିକ ସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୁଆଖିଆ, ଯାଜପୁର ରୋଡ୍ ଡିଭିଜନ ଅଧୀନରେ କାର୍ଯ୍ୟରତ ଠିକା ବିଦ୍ୟୁତ୍ କର୍ମଚାରୀ ଓ ନିର୍ମାଣ ଶ୍ରମିକମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସଂଘର ସଭାପତି ବିଦ୍ୟାଧର ମହାନ୍ତି ଯୋଗଦେଇ କହିଥିଲେ, ସରକାରଙ୍କ ପକ୍ଷରୁ କରାଯାଇଥିବା ସମସ୍ତ ଶ୍ରମ ନିୟମକୁ କିଛି ଠିକା ସଂସ୍ଥା ଅବମାନନା କରୁଛନ୍ତି। ଶ୍ରମିକଙ୍କ ମଧ୍ୟରେ ସମାନତା ରହୁନାହିଁ। ଘରୋଇ ସଂସ୍ଥାଗୁଡ଼ିକ ନିଜ ଲାଭ ଆଳରେ କର୍ମଚାରୀଙ୍କୁ ନିର୍ଯାତନା ଦେଉଛନ୍ତି। ତେଣୁ ନ୍ୟାଯ୍ୟ ଦାବି ହାସଲ ପାଇଁ ଶ୍ରମିକଙ୍କୁ ଏକତ୍ରିତ ହେବାକୁ ସେ ଆହ୍ୱାନ ଦେଇଥିଲେ। ସଂଘ ସାଧାରଣ ସମ୍ପାଦକ ରଞ୍ଜନ ଓଝା ପ୍ରାଥମିକ ସୂଚନା ପ୍ରଦାନ କରିଥିଲେ। ଏଥିରେ କାର୍ଯ୍ୟକାରୀ ସଭାପତି ଚନ୍ଦନ ସାହୁ, କୋଷାଧ୍ୟକ୍ଷ ଜ୍ୟୋତିପ୍ରକାଶ ପରିଡ଼ା, ସଦସ୍ୟ ରଞ୍ଜନ ଦଳେଇ, ସୁରେଶ ମଳିକ, ସୋମ୍ୟରଞ୍ଜନ ମହାନ୍ତିଙ୍କ ସମେତ ଶତାଧିକ ଶ୍ରମିକ ଉପସ୍ଥିତଥିଲେ। ସୁଶାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଶିକ୍ଷକ ହିଁ ସମାଜର ମାର୍ଗଦର୍ଶକ

**ବିଞ୍ଝାରପୁର,୩।୫(ରାମକୃଷ୍ଣ ଦାସ):**

ଶିକ୍ଷକ ହିଁ ସମାଜର ପ୍ରକୃତ ମାର୍ଗଦର୍ଶକ। ସେମାନେ ଆଗାମୀ ପିଢ଼ିର ଚରିତ୍ର ଗଠନ କରନ୍ତି। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଶାସନା ପଞ୍ଚାୟତସ୍ଥିତ ଶାସନା ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ରମଣି ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନାସଭାରେ ଯୋଗଦେଇଥିବା ବକ୍ତା ଏହି ମତବ୍ୟକ୍ତ କରିଛନ୍ତି। ସଭାରେ ଶାସନା ସରପଞ୍ଚ କାମଦେବ ଧଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ବିଞ୍ଝାରପୁର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବିନାରାୟଣ ମହାନ୍ତି, ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ୍ କ୍ଷୀରୋଦ ମଲ୍ଲିକ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ରଞ୍ଜନ କୁମାର ଧଳ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରମଣିଙ୍କୁ ଜଣେ ଆଦର୍ଶ ଶିକ୍ଷକ ଭାବେ ଅଭିହିତ କରିଥିଲେ। ଏହିସଭାରେ ନିକଟସ୍ଥ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ପୂର୍ବତନ ଶିକ୍ଷକ, ସିଆର୍‌ସିସି ଓ ଅଞ୍ଚଳବାସୀ ଉପସ୍ଥିତ ରହି ଚନ୍ଦ୍ରମଣିଙ୍କୁ ପୁଷ୍ପଗୁଚ୍ଛ, ଉପହାର ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ଚନ୍ଦ୍ରମଣି ତାଙ୍କ ସହକର୍ମୀ, ଛାତ୍ରୀଛାତ୍ର, ଗ୍ରାମବାସୀଙ୍କ ସ୍ନେହ ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ଶିକ୍ଷକ ସେକ୍ କଲିମୁଦ୍ଦିନ ଧନ୍ୟବାଦ ଦେଇଥିଲେ।


ପ୍ରଧାନଶିକ୍ଷକ ଚନ୍ଦ୍ରମଣି ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

# ଅଗ୍ନି ବିପନ୍ନଙ୍କୁ ମିଳୁନି ସହାୟତା

**ସିଂହପୁର,୩।୫(ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ୍ ଅଧୀନ ଜରି ପଞ୍ଚାୟତର ମଧୁସୂଦନସାମଲ, ସସ୍ମିତାସାମଲଓପଦ୍ମିନୀ ସାମଲଙ୍କ ବାସଗୃହ ୧୧।୧୧।୨୦୨୪ରେ ଅଗ୍ନିକାଣ୍ଡରେ ଜଳିଯାଇଛି। ଏହାକୁ ଦେଢ଼ ବର୍ଷ ହେବ, ହେଲେ ଏ ପର୍ଯ୍ୟନ୍ତ ବିପନ୍ନ ପରିବାରକୁ ସହାୟତା ରାଶି ମିଳିପାରୁନାହିଁ। ୩ ପରିବାରକୁ ୮,୦୦୦ ଟଙ୍କା ଲେଖାଏ ଆର୍ଥିକ ସହାୟତା ରାଶି ମଞ୍ଜୁର ହୋଇଥିଲେ ବି ସେମାନଙ୍କ ଜମାଖାତାକୁ ଏ ପର୍ଯ୍ୟନ୍ତ ଅର୍ଥରାଶି ଆସିନାହିଁ। ବିଞ୍ଝାରପୁର ତହସିଲଦାର ଓ ଜିଲା ଜରୁରିକାଳୀନ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ଅର୍ଥ ନ ଥିବାରୁ ଟଙ୍କା ପଠାଇ ପାରୁନାହୁଁ ବୋଲି କହି ସଫେଇ ଦେଉଛନ୍ତି। ଶେଷରେ ବିପନ୍ନ ପରିବାର ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏବେ ଦେଖିବାକୁ ଅପେକ୍ଷା କେବେ ସେମାନଙ୍କୁ ଅର୍ଥରାଶି ପ୍ରଦାନ କରାଯାଉଛି।

# ରାଷ୍ଟ୍ର ଉତ୍ଥାନରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ନାରଦ ସମାରୋହ ସମିତି ପକ୍ଷରୁ 'ନାରଦ ଜୟନ୍ତୀ ଉତ୍ସବ -୨୦୨୬' ପାଳିତ

**ରସଲପୁର,୩।୫(ରଞ୍ଜିତ ରାଉତ):**

ବୃଦ୍ଧପୂର୍ଣ୍ଣିମା ଅବସରରେ ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆସ୍ଥିତ ହାଇଟେକ୍ ଯୁକ୍ତ ଦୁଇ ବିଜ୍ଞାନ ଆବାସିକ କଲେଜ ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଯାଜପୁର ଜିଲାର କୁଆଖିଆ ଶ୍ରୀରାମ ପ୍ରଖଣ୍ଡ ପ୍ରଚାର ବିଭାଗ ଏବଂ ନାରଦ ଜୟନ୍ତୀ ସମାରୋହ ସମିତି(ବିଶ୍ୱ ସମ୍ବାଦ କେନ୍ଦ୍ର)ଯାଜପୁର ଜିଲା ଆନୁକୂଲ୍ୟରେ ନାରଦ ଜୟନ୍ତୀ ଉତ୍ସବ-୨୦୨୬ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଜିଲା ପ୍ରଚାର ପ୍ରମୁଖ ସନ୍ଦୀପ କୁମାର ନାୟକ ଯୋଗଦେଇ ଖବରଦାତାଙ୍କୁ ଉତ୍ସବକୁ ସ୍ୱାଗତ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଯୋଗେନ୍ଦ୍ର ପଣ୍ଡା ଯୋଗଦେଇ ତାଙ୍କ ଅଭିଭାଷଣରେ ମହର୍ଷିନାରଦ କେବଳ ଜଣେ ବ୍ୟକ୍ତି ନୁହଁନ୍ତି, ସେ ଏକ ବିଚାର ଥିଲେ ବୋଲି ଅଭିହିତ କରିଥିଲେ। ସେ କହିଥିଲେ, ନା-ରଦ ଯାହାଙ୍କର ବାକ୍ୟ ରଦ୍ଦ ହୁଏନାହିଁ। ମୁଖ୍ୟବକ୍ତାଭାବେ ସହ ପ୍ରାନ୍ତପ୍ରଚାରକ(ଓଡ଼ିଶାପୂର୍ବ) ଅସିତ କୁମାର ସାହୁ ଯୋଗଦେଇ ଅଭିଭାଷଣରେ ରାଷ୍ଟ୍ର ଉତ୍ଥାନରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏଥିସହିତ ସମାଜରେ ଭଲ କାମ କରୁଥିବା ବ୍ୟକ୍ତିଙ୍କ ବିଷୟରେ ଅଧିକରୁ ଅଧିକ ଖବର ପ୍ରସାରଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହିସଭାରେ କୁଆଖିଆ, ପାଣିକୋଇଲି ଓ ଧର୍ମଶାଳାର ବହୁ ଖବରଦାତା ଯୋଗ ଦେଇଥିଲେ। ସଭାରେ କୋରେଇ, ଶ୍ରୀରାମପୁର ଖଣ୍ଡର ସ୍ୱୟଂ ସେବକ ଉପସ୍ଥିତ ଥିଲେ। ଜିଲା ପ୍ରଚାରକ ମନୋଜ କୁମାର ସାହୁ, ସହ ଜିଲା କାର୍ଯ୍ୟବାହ ସନ୍ଦୀପ ବିଶ୍ୱାଳ, ଜିଲା କାର୍ଯ୍ୟବାହ ଅମୀୟ କୁମାର ସାମଲ ଯୋଗଦେଇ ବକ୍ତବ୍ୟ ରଖିଥିଲେ।


ନାରଦ ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

# ଚଣ୍ଡିଖୋଲ ପ୍ରେସକ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ବଡ଼ଚଣା,୩।୫ (ଦିଲୀପ କୁମାର ମହାନ୍ତି):**

ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କ ୬ଦଫା ଦାବି ପୂରଣରେ ସରକାରଙ୍କ ଚରମ ଉଦାସୀନତା ପ୍ରତିବାଦରେ ରାଜ୍ୟବ୍ୟାପୀ ଖବରଦାତା କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲାର ସର୍ବପୁରାତନ ଚଣ୍ଡିଖୋଲ ପ୍ରେସ୍‌କ୍ଲବ ପକ୍ଷରୁ ଏହି ପ୍ରତିବାଦକୁ ସମର୍ଥନ ଜଣାଇ ସମସ୍ତ ଖବରଦାତା କଳାବ୍ୟାଜ୍ ପରିଧାନ କରି ମେ' ୧ରେ ଦିନ ତମାମ ସମସ୍ତ ସଭାସମିତିରେ ଯୋଗଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରେସକ୍ଲବ ସଭାପତି ବେଣୁଧର ପଣ୍ଡା, ସମ୍ପାଦକ ହେମନ୍ତ କୁମାର ଜେନା, କାର୍ଯ୍ୟକାରୀ ସଭାପତି ଦିଲୀପ ମହାନ୍ତି, ସଂଯୋଜକ ସଞ୍ଜୟ କୁମାର ସ୍ୱାଇଁ, ଉପସଭାପତି ସମରେନ୍ଦ୍ର ମାହାଲା, ପ୍ରତାପ କେଶରୀ ରାଉତରାୟ, ସେକ ସବିର ଉଦ୍ଦିନ, ମହେଶ୍ୱର ରାଉତ, ଗୋଲାମ ଆରିଫ, ବେଦପ୍ରକାଶ ନାୟକ, ଅଜୟ ସାମଲ, ରଶ୍ମିରଞ୍ଜନ ବିଶ୍ୱାଳ ପ୍ରମୁଖ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ବରିଷ୍ଠ ଖବରଦାତାଙ୍କୁ ମାସିକ ୧୫ ହଜାର ଟଙ୍କା ପେନସନ, କାର୍ଯ୍ୟରତ ଖବରଦାତଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ଆଇନ ପ୍ରଣୟନ, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ହୀତାଧିକାରୀଙ୍କ ସହ ସେମାନଙ୍କ ପିତାମାତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନଙ୍କୁ ସାମିଲ ଆଦି ଦାବିନେଇ ଉତ୍କଳ ସାମ୍ବାଦିକ ସଂଘ(ୟୁଜେଏ) ସମେତ ରାଜ୍ୟର ଅନ୍ୟ ସାମ୍ବାଦିକ ସଂଘ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ସରକାର କଥାଦେଇ ଭୁଲିଯିବାର ଅଭିନୟ କରୁଛନ୍ତି। ଏହାର ପ୍ରତିବାଦରେ ଏପ୍ରିଲ ୨୯ରେ ୟୁଜେଏ ଆହ୍ୱାନରେ ସମଗ୍ର ରାଜ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ସହିତ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଜିଲାପାଳଙ୍କ ମାଧମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମେ' ୧ ଶ୍ରମିକ ଦିବସରେ ଉକ୍ତ ସମସ୍ତ ଖବରଦାତା କଳାବ୍ୟାଜ୍ ପରିଧାନ କରି ଦାବି ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।


ଚଣ୍ଡିଖୋଲ ପ୍ରେସକ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦର୍ପଣ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଅବସରକାଳୀନ ସମ୍ବର୍ଦ୍ଧନା**

ରାହାମା,(ଶ୍ରୀକାନ୍ତ ଦାସ): କୁଜଙ୍ଗ ବ୍ଲକ ତାଳପଡା ପଞ୍ଚାୟତ ଅଧୀନ ଆଖଣ୍ଡଳମଣି ବିଦ୍ୟାପୀଠର ଶିକ୍ଷକର୍ମୀ ନିରଞ୍ଜନ ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଦଳାଇ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଓଷ୍ଟାର ପ୍ରାକ୍ତନ ସମ୍ପାଦକ ବସନ୍ତ କୁମାର ଦାସ, ମୁଖ୍ୟବକ୍ତା ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ସୁବାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥିଭାବେ କୁଜଙ୍ଗ ବ୍ଲକ ଜୋନ୍ ୨ ଜିଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ସିଆର୍‌ସିସି ଗୋବିନ୍ଦ ଚନ୍ଦ୍ର ମିଶ୍ର, ଶିକ୍ଷକ ବିନୋଦ ମୁଦୁଲି, ଅନାଦି ଚରଣ ଖଟୁଆ, ଅବସରପ୍ରାପ୍ତ ଏବିଇଓ ରାମଚନ୍ଦ୍ର ସ୍ୱାଇଁ, ପ୍ରମୁଖ ଯୋଗ ଦେଇଥିଲେ।

# ପଡ଼ାଗ୍ରାମକୁ ସଂଯୋଗୀକରଣ ପୋଲ ଅବସ୍ଥା ଜରାଜୀର୍ଣ୍ଣ

■ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପଠାଇଲେ ପଡ଼ାଗ୍ରାମବାସୀ
■ ନୂତନ ନିର୍ମାଣ କରିବାକୁ ଦାବି

ନାଉଗାଁ, ୩।୫( ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ବାଂଶ ପଞ୍ଚାୟତର ପଡାଗ୍ରାମ ବଗିଚା ସାହିରେ ନୂତନ ପୋଲ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ଅନଲାଇନ ମାଧ୍ୟମରେ ଏକ ଅଭିଯୋଗ ଓ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ରବିବାର ପ୍ରେରଣ କରାଯାଇଛି। ସେମାନଙ୍କ ଅଭିଯୋଗ ମୁତାବକ, ବଗିଚାସାହି ପଡାରେ ୨୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ସିଡୁରା ଗ୍ରାମ ଦେଇ ପ୍ରବାହିତ ଗୋବରୀ ନାଳରୁ ୩ କିମି ଲମ୍ବ ବିଶିଷ୍ଟ ଏକ ଶାଖା ନାଳ ବାହାରି ଏହି ପଡା ଗ୍ରାମ ଦେଇ ଚାଷ ଜମିକୁ ଯାଇଛି। ଫଳରେ ଉକ୍ତ ପଡା ଗ୍ରାମଟି ରାସ୍ତାରୁ ବିଚ୍ଛିନ୍ନ ହୋଇଯାଇଛି। ଏହି ପଡା ଗ୍ରାମକୁ ସଂଯୋଗୀକରଣ କରିବାକୁ ଦୀର୍ଘ ଦିନ ତଳେ ଉକ୍ତ ନାଳ ଉପରେ ଏକ ପୋଲ ନିର୍ମାଣ କରାଯାଇଥିଲା। ଉକ୍ତ ପୋଲଟି ଏବେ ଜରାଜୀର୍ଣ୍ଣ ହୋଇପଡ଼ିଛି।


ପଡାଗ୍ରାମ ବଗିଚା ସାହିକୁ ସଂଯୋଗ କରୁଥିବା ପୋଲ।

ଏପରିକି ପୋଲଟି ଇଟା ଖୁଣ୍ଟରେ ନିର୍ମାଣ କରାଯାଇଥିବାରୁ ଉକ୍ତ ଇଟା ନଷ୍ଟ ହୋଇ ଗଳିପଡୁଛି। ଫଳରେ ଯାନବାହନ ଏହି ପୋଲ ଦେଇ ଯାତାୟାତ କରିପାରୁନାହିଁ। ପୋଲଟି ବାଡ ବିହୀନ ହୋଇଥିବା ବେଳେ ବର୍ଷା ଦିନେ ନାଳରେ ପାଣି ଭର୍ତ୍ତି ହୋଇ ରହୁଛି। ଫଳରେ ଛୋଟ ପିଲାଙ୍କୁ ବିଦ୍ୟାଳୟକୁ ଛାଡ଼ିବାକୁ ଭୟ ଲାଗୁଛି। ସେହିପରି ଉକ୍ତ ପଡାରେ କାହାର ଦେହ ଖରାପ ହେଲେ ଆମ୍ବୁଲାନ୍ସ ଏହି ପୋଲ ଦେଇ ଆସିବାକୁ ଭୟ କରୁଛି। ଏପରିକି ରୋଗୀଙ୍କୁ ଟେକି ଟେକି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡୁଛି। ତେଣୁ ଉକ୍ତ ନାଳରେ ବର୍ଷାଦିନ ପୂର୍ବରୁ ଏକ ପୋଲ ନିର୍ମାଣ କରିବା ପାଇଁ ଅଭିଯୋଗରେ ଦର୍ଶାଯାଇଛି। ଏହି ଅଭିଯୋଗପତ୍ରରେ ପଡାବାସୀ କୈଳାସ ଭୋଇ, ଶରତ ଭୋଇ, ତୋଫାନୀ ଭୋଇ, ସୌଦାମିନୀ ଭୋଇ,ଚନ୍ଦନ କୁମାର ଭୋଇ, କାର୍ତ୍ତିକ ଭୋଇ, ଗୁରୁ ଦାସ ଓ ସୁମିତ୍ରା ଦାସ ପ୍ରମୁଖ ସ୍ୱାକ୍ଷର କରିଛନ୍ତି।

# ମହାପ୍ରଭୁଙ୍କ ପ୍ରତି ସମର୍ପଣ ମନୋଭାବ ରହିଲେ ଧନ୍ୟ ହେବ ଜୀବନ

**ବଟଶ୍ରୀକ୍ଷେତ୍ରର ଉନବିଂଶ ବାର୍ଷିକ ଉତ୍ସବ ଉଦ୍‌ଯାପିତ**

ଜଗତସିଂହପୁର, ୩।୫
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ପଟେଣୀଗାଁସ୍ଥିତ ବଟଶ୍ରୀକ୍ଷେତ୍ରର ଉନବିଂଶ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବଟଶ୍ରୀକ୍ଷେତ୍ର ନିର୍ମାଲ୍ୟର ମୁଖ୍ୟ ସମ୍ପାଦକ ରବୀନ୍ଦ୍ର ନାଥ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ କହିଥିଲେ, ବଟଶ୍ରୀକ୍ଷେତ୍ର ଜଗତ୍‌ସିଂହପୁର ଜିଲାର ଏକ ପ୍ରମୁଖ ଆଧାତ୍ମିକ ପୀଠ। ଏଠାରେ ସାତଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ହେବା ଦ୍ୱାରା ଲୋକଙ୍କ ଭିତରେ ଭକ୍ତି ଭାବନା ସୃଷ୍ଟି କରିଛି। ମହାପ୍ରଭୁଙ୍କ ପ୍ରତି ସମର୍ପଣ ମନୋଭାବ ରହିଲେମାନବଜୀବନଧନ୍ୟହେବଓମଣିଷ ଦିବ୍ୟଜୀବନର ଅଧିକାରୀ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା କଳାକାରମାନଙ୍କୁ ବିଧାୟକ ଦାସ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ମନ୍ଦିର ପରିସରରେ ବିଧାୟକ ପାଣ୍ଠିରୁ ସ୍ଥାପିତ ହୋଇଥିବା ଥଣ୍ଡା ପାନୀୟ ଜଳ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଔପନ୍ୟାସିକ ଭାଗିରଥି ଦାସ ଓ ପ୍ରାଧ୍ୟାପିକା ମଧୁସ୍ମିତା ସ୍ୱାଇଁ ଯୋଗ ଦେଇଥିଲେ। ବଟଶ୍ରୀକ୍ଷେତ୍ରର ସଭାପତି ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ର ସଭାରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମୀର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।


ବାର୍ଷିକ ଉତ୍ସବ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଅମରେନ୍ଦ୍ର ଦାସଙ୍କ ସହ ସମ୍ବର୍ଦ୍ଧିତ କଳାକାରମାନେ।

ପଣ୍ଡିତ ସଞ୍ଜୟ ରଥଙ୍କ ଦ୍ୱାରା ଗୀତାହୁତି ଏବଂ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ସନ୍ଧ୍ୟାରେ କୁନି ପ୍ରବଚକ ରୁଦ୍ରପ୍ରତାପ ଥାଟୋଇ ମହାପ୍ରଭୁଙ୍କ ତତ୍ତ୍ୱ ଓ ଦର୍ଶନ ଉପରେ ପ୍ରବଚନ ଦେଇଥିଲେ। ଉମେଶ ନାୟକ, ନରେନ୍ଦ୍ର ନାୟକ, ସମୀର ସ୍ୱାଇଁ, ଦିବ୍ୟଜିତ ସ୍ୱାଇଁ, ଅକ୍ଷୟ ନାୟକ ଓ ପରମାନନ୍ଦ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା।

# ସାମାଜିକ କର୍ମୀଙ୍କ ପରଲୋକ

ରଘୁନାଥପୁର,୩।୫
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଅନ୍ତର୍ଗତ ତଅଁରା ଗ୍ରାମର ସାମାଜିକ କର୍ମୀ ତଥା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅନ୍ୟର ସାହାରା ବନୁଥିବା ବ୍ୟକ୍ତି ନିମାଇଁ ଚରଣ ସ୍ୱାଇଁ(୬୭) ରବିବାର ପରଲୋକ ଘଟିଛି। କଟକର ଏକ ବେସରକାରୀ ଚିକିତ୍ସାଳୟର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ସେ ଜଣେ ପରୋପକାରୀ ଓ ଅତ୍ୟନ୍ତ ହୃଦୟବାନ ବ୍ୟକ୍ତି ଥିଲେ। ସ୍ଥାନୀୟ ଅଞ୍ଚଳରେ ଯେକୌଣସି ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ହେଲେ କଟକ ମେଡିକାଲ ନେବା ଓ ସ୍ୱାସ୍ଥ୍ୟସେବା ଯୋଗେଇ ଦେବାରେ ନିମାଇଁ ସହଯୋଗ କରୁଥିଲେ। ନିମାଇଁଙ୍କ ବିୟୋଗରେ ଅଞ୍ଚଳରେ ଶୋକାତୁର ପରିବେଶ ସୃଷ୍ଟି ହୋଇଛି। ତାଙ୍କ ପାର୍ଥିବ ଶରୀର ନିକଟରେ ସହଧର୍ମିଣୀଙ୍କ ସହ ଦୁଇ ପୁତ୍ର, ଦୁଇ କନ୍ୟା,ନାତି,ନାତୁଣୀ ଓ ଅନ୍ୟ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଖବରପାଇ ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ,ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ, ସାମାଜିକ କର୍ମୀ ଗୋବିନ୍ଦ ଓଝା, ରବି ବିଶ୍ୱାଳ, ଗୋବିନ୍ଦ ବାରିକଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡପୁଅ ଜଗନ୍ନାଥ ମୁଖାଗ୍ନି ଦେଇଥିଲେ।


ନିମାଇଁ ଚରଣ ସ୍ୱାଇଁ

# ମା' ବାପାଙ୍କ ଆଶୀର୍ବାଦ ବିନା ବିଭୁକୃପା ଅସମ୍ଭବ

**କଲରାବାଙ୍କରେ ୩ ମନ୍ଦିର ପ୍ରତିଷ୍ଠା ଉତ୍ସବ, ବିଶ୍ୱଶାନ୍ତି ମହାଯଜ୍ଞ**

ରଘୁନାଥପୁର,୩।୫
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ନିକଟସ୍ଥ କଲରାବାଙ୍କ ଗ୍ରାମର ପ୍ରସିଦ୍ଧ ରଘୁନାଥଜୀଉ ମନ୍ଦିର, ରାଧାକୃଷ୍ଣ ମନ୍ଦିର ଓ ରାମଚଣ୍ଡୀ ମନ୍ଦିରର ୧୯ ତମ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଗତ ୪ ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଏକ ଆଧାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ପୂର୍ଣ୍ଣାହୁତି ଦିବସରେ ଆୟୋଜିତ ଉତ୍ସବରେ ପୂର୍ବତନ ଏମ୍‌ପି ତଥା କିଟ୍, କିସ୍ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ଡ. ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପରିବାରର ପ୍ରଥମ ଦେବତା ଭାବେ ମା' ବାପାଙ୍କ ପ୍ରତି ସମର୍ପିତ ହେବା ପାଇଁ ନିବେଦନ କରିଥିଲେ। କାରଣ ମା' ବାପାଙ୍କ ଆଶୀର୍ବାଦ ବିନା ବିଭୁକୃପା ମିଳିବା ଅସମ୍ଭବ ବୋଲି ସେ ବକ୍ତବ୍ୟରେ କହିଥିଲେ। ମୁଖ୍ୟ ବକ୍ତାଭାବେ ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ ଯୋଗଦେଇ ପ୍ରତ୍ୟେକ ମନୁଷ୍ୟ ପ୍ରତିଦିନ ଶ୍ରୀମଦ ଭାଗବଦ୍ ଗୀତା ପଢ଼ିବାକୁ ଆହ୍ୱାନ ଦେଇଥିଲେ। ନୀଳିମା ରାଣୀ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସାମନ୍ତଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଡ. ରବୀନ୍ଦ୍ର କୁମାର ସାମନ୍ତ, ସାମାଜିକ କର୍ମୀ ନିରୁପମା ସାମନ୍ତ, ଶିକ୍ଷାବିତ୍ ଜ୍ୟୋସ୍ନା ମିତ୍ର, ତୃପ୍ତି ଲତା ସାମନ୍ତ, ଅରବିନ୍ଦ ସାମନ୍ତ, ଶୈବାଳିନ ସାମନ୍ତ, ରାଜ୍ୟସ୍ତରୀୟ ଗୀତାଜ୍ଞାନ ଯଜ୍ଞ କମିଟି ସଭାପତି ବିଜୟ କୁମାର ସ୍ୱାଇଁ, କିଟ୍ ବିଦ୍ୟୁତ୍ ବିଭାଗ ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ପଟ୍ଟନାୟକ, ଗ୍ରାମ କମିଟି ସଭାପତି ଅଞ୍ଜନ କୁମାର ସାମନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀରାମଙ୍କ କଥାମୃତ ସମ୍ପର୍କରେ ଆଲୋଚନା କରିଥିଲେ। ୩ ମନ୍ଦିରରେ ପୃଥକ୍ ଭାବେ ହେଉଥିବା ଯଜ୍ଞରେ ଡ. ସାମନ୍ତ ଉପସ୍ଥିତ ରହି ଆହୁତି ପ୍ରଦାନ କରିଥିଲେ। ପଣ୍ଡିତ ବିଜୟ କରଶର୍ମା ଓ ସାଥୀ ଯଜ୍ଞ ଦାୟିତ୍ୱରେ ଥିବାବେଳେ ପ୍ରତ୍ୟହ ସନ୍ଧ୍ୟାରେ ଦୁର୍ଗାଚରଣ ସାମନ୍ତ ଓ ଅଞ୍ଜନ କୁମାର ସାମନ୍ତଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ଯଜ୍ଞରେ ଡ. ଅଚ୍ୟୁତ ସାମନ୍ତ ଆହୁତି ପ୍ରଦାନ କରୁଛନ୍ତି।

# ସମ୍ବଲପୁର ନୂଆଗାଁ ୫୫ନଂ. ଜାତୀୟ ରାଜପଥ ପାରାଦୀପ ପର୍ଯ୍ୟନ୍ତ ବୃଦ୍ଧି ଦାବି

କୁଜଙ୍ଗ,୩।୫(ମନୋଜ ପ୍ରଧାନ)

ସମ୍ବଲପୁରରୁ ଭାୟା କଟକ ଓଏମ୍‌ପି ଦେଇ ଜଗତ୍‌ସିଂହପୁର ଜିଲା ନୂଆଗାଁ ପର୍ଯ୍ୟନ୍ତ ୫୫ନଂ. ଜାତୀୟ ରାଜପଥକୁ ପାରାଦୀପ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସ୍ଥାନୀୟ ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ଦାବି କରିଛନ୍ତି। ଏନେଇ ସେ ରାଜ୍ୟ ସରକାରଙ୍କ କାର୍ମିକ ବିଭାଗ ସଚିବଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଯଦି ପାରାଦୀପ ପର୍ଯ୍ୟନ୍ତ ଏହା ବୃଦ୍ଧି କରାଯାଏ ସ୍ଥାନୀୟ ଢିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ, ବାଲିତୁଠ ପଞ୍ଚାୟତର ଲୋକେ ସେମାନଙ୍କ ଉତ୍ପାଦ ପାରାଦୀପରୁ ସମ୍ବଲପୁର ପର୍ଯ୍ୟନ୍ତ ବିକ୍ରି କରିପାରିବେ। ଏଥିପାଇଁ ସ୍ଥାନୀୟ ଅଧିବାସୀ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଛନ୍ତି। ଉକ୍ତ ରାଜପଥ ପାରାଦୀପ ପର୍ଯ୍ୟନ୍ତ ବୃଦ୍ଧି ହେଲେ ଏରସମା, ବାଲିକୁଦା ଏବଂ ସମଗ୍ର ଜଗତ୍‌ସିଂହପୁର ଜିଲାର ଅଧିବାସୀ ପାରାଦୀପକୁ ଯାତାୟାତ କରିପାରିବେ ଓ ସେମାନଙ୍କ ମଧ୍ୟରେ ବ୍ୟବସାୟିକ ସୁବିଧା ସୃଷ୍ଟି ହେବ। ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳଠାରୁ ପାରାଦୀପର ଦୂରତା କମି ମାତ୍ର ୧୦ କି.ମି. ହେବ। ଯାହା ଫଳରେ ସ୍ଥାନୀୟ ଅଧିବାସୀମାନେ ତାଙ୍କର ପାନ, ମୀନ ଓ ପରିବା ସମେତ ଉତ୍ପାଦକୁ ସହଜରେ ପାରାଦୀପ ବଜାରରେ ବିକ୍ରି କରିପାରିବେ। ଯେହେତୁ ଉକ୍ତ ପ୍ରକଳ୍ପ କେନ୍ଦ୍ର ସରକାରଙ୍କ ଅଧୀନ, ଏଥିପାଇଁ ବିଭିନ୍ନ ସମସ୍ୟା ଥାଇପାରେ। ବର୍ତ୍ତମାନ ନୂଆଗାଁରୁ ପାରାଦୀପକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ଓ ଜଳ ସମ୍ପଦ ବିଭାଗ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହା ଭାରିଯାନ ଚଳାଚଳ ପାଇଁ ଅନୁପଯୁକ୍ତ। ତେଣୁ ସାମ୍ପ୍ରତିକ ସମୟରେ ଜନସାଧାରଣଙ୍କ ହିତଦୃଷ୍ଟିରୁ ନୂଆଗାଁରୁ ପାରାଦୀପ ପର୍ଯ୍ୟନ୍ତ ୫୫ନଂ. ଜାତୀୟ ରାଜପଥ ବୃଦ୍ଧି ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

# ଡିଏସ୍‌ପିଙ୍କୁ ଭେଟିଲେ ମହିଳା ସଙ୍ଗଠନ ସଦସ୍ୟା

କେନ୍ଦ୍ରାପଡା, ୩।୫ (ଜଗନ୍ନାଥ ଧଳ)

କୁଦାନଗରୀ ଥାନା ଡିହବଳରାମପୁର ଗ୍ରାମର ଶୁଭଲକ୍ଷ୍ମୀ ସ୍ୱାଇଁଙ୍କୁ ଜଣେ ବ୍ୟକ୍ତି ମାନସିକ ନିର୍ଯାତନା ଦେବା ସହ ହତ୍ୟା ଧମକ ଦେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ । ଏହାର ପ୍ରତିବାଦ କରି କେତେକ ମହିଳା ସଙ୍ଗଠନ ନ୍ୟାୟ ଦାବି କରି ଡିଏସ୍‌ପି ଲକ୍ଷ୍ମୀ ନାରାୟଣ ତିୱାରୀଙ୍କୁ ରବିବାର ଭେଟିଛନ୍ତି । ଆସନ୍ତା ୧୫ ଦିନ ମଧ୍ୟରେ ନ୍ୟାୟ ନମିଳିଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଶୁଭଲକ୍ଷ୍ମୀଙ୍କ ଅଭିଯୋଗ ଅନୁଯାୟୀ ସେ କେନ୍ଦ୍ରାପଡା ସହରର ଜଣେ ବ୍ୟକ୍ତିଙ୍କଠାରୁ ୭୫ ହଜାର ଟଙ୍କା ଧାରସୂତ୍ରରେ ନେଇଥିଲେ। ଏଥିରୁ କିଛି ଟଙ୍କା ସେ ପରିଶୋଧ କରିଛନ୍ତି। ସେ କଟକରେ ଚିକିତ୍ସିତ ହେଉଥିବା ବେଳେ ଅବଶିଷ୍ଟ ଟଙ୍କା ପାଇଁ ସମ୍ପୃକ୍ତ ବ୍ୟକ୍ତି ତାଙ୍କ ଘରକୁ ଯାଇ ପରିବାର ସଦସ୍ୟଙ୍କୁ ଧମକ ଦେଇଛନ୍ତି। ଏପରିକି ଜୀବନରୁ ମାରି ଦେବାକୁ ଧମକ କହିଛନ୍ତି । ଏ ନେଇ ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଦାବିପତ୍ର ପ୍ରଦାନ ସମୟରେ ରାଷ୍ଟ୍ରୀୟ ସମାଜସେବୀ ପରିଷଦ ରାଜ୍ୟ ସଭାନେତ୍ରୀ ପଦ୍ମାବତୀ ଦେହୁରୀ, କେଏସ୍‌ପି ସଭାନେତ୍ରୀ ସୌଦାମିନୀ ସୂତାର, ଡିଜଇନୀ ସଭାନେତ୍ରୀ ରଜନୀଗନ୍ଧା ବାରିକ, ବାବା ଆମ୍ବେଦକର ସଙ୍ଗଠନର ବିଳାସିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# 'ଗ୍ରାମାଞ୍ଚଳ ବିକାଶରେ ବିକଶିତ ଓଡ଼ିଶା ପରିକଳ୍ପନା ସମ୍ଭବ'


ପ୍ରକଳ୍ପର ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଅନ୍ୟ ଅତିଥିମାନେ।

କୁଜଙ୍ଗ,୩।୫(ମନୋଜ ପ୍ରଧାନ)

ଗ୍ରାମାଞ୍ଚଳ ହେଉଛି ଓଡ଼ିଶାର ମେରୁଦଣ୍ଡ। ତେଣୁ ବିକଶିତ ଓଡ଼ିଶାର ପରିକଳ୍ପନାକୁ ସାକାର କରିବାକୁ ହେଲେ ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କ ଜୀବନଶୈଳୀ, ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନର ବିକାଶ ଜରୁରୀ ବୋଲି ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କୁଜଙ୍ଗ ବ୍ଲକ ଅନ୍ତର୍ଗତ ବିଶ୍ୱାଳୀ ପଞ୍ଚାୟତରେ କେତେକ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ପ୍ରକାଶ କରିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳ ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିବା ସହ ତାହାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି ବୋଲି ସ୍ୱାଇଁ କହିଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ଦ୍ୱାରା ନିର୍ମିତ ପରିବେଶ ଭବନ, ଶ୍ରୀଶ୍ରୀ ଗୋପୀନାଥ ଜୀଉ ଗ୍ରାମୀଣ ଗୋଷ୍ଠୀ କେନ୍ଦ୍ର, ନରେନ୍ଦ୍ରପୁର ଗ୍ରାମଠାରୁ ଅପାଣିଆ ପର୍ଯ୍ୟନ୍ତ ଢଳେଇ ରାସ୍ତାର ଉଦ୍‌ଘାଟନ କରିଥିଲେ। ସମାଜର ଶେଷଭାଗରେ ବସବାସ କରୁଥିବା ଲୋକମାନଙ୍କ ସବୁ କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ ହୋଇପାରିଲେ ହିଁ ବିକଶିତ ଓଡ଼ିଶାର ସଫଳ ରୂପାୟନ ସମ୍ଭବ ହୋଇପାରିବ ବୋଲି ସ୍ୱାଇଁ କହିଥିଲେ। ସମସ୍ତେ ମିଳିମିଶି ପାରାଦୀପ ଅଞ୍ଚଳକୁ ସବୁ କ୍ଷେତ୍ରରେ ବିକାଶମୁଖୀ କରିବା ନିମନ୍ତେ ସେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ବିଶ୍ୱାଳୀ ସରପଞ୍ଚ ମନୋରମା ମଲ୍ଲ, ସମିତି ସଭ୍ୟା ସତ୍ୟଭାମା ସାମଲ, ପଞ୍ଚାୟତ ପ୍ରମୁଖ ତଥା ପଞ୍ଚାୟତ ବିକାଶର ମଙ୍ଗ ଧରିଥିବା ଯୁବନେତା ଜ୍ଞାନେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋପାଳପୁର ଯାଦବେନ୍ଦ୍ର ଜୀଉଙ୍କ ଚନ୍ଦନଯାତ୍ରା ଉଦ୍‌ଯାପିତ

ରଘୁନାଥପୁର,୩।୫
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତ ଗୋପାଳପୁର ଯାଦବେନ୍ଦ୍ର ଜୀଉଙ୍କ ଚନ୍ଦନଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପାରମ୍ପରିକ ଉତ୍ସବ ପରସ୍ପର ମଧ୍ୟରେ ଭାଇଚାରା ଓ ସ୍ନେହର ବାର୍ତ୍ତା ଦିଏ ବୋଲି ଜେନା ବକ୍ତବ୍ୟରେ କହିଥିଲେ। ଚନ୍ଦନଯାତ୍ରା ପରିଚାଳନା କମିଟି ସଂଯୋଜକ କେଦାରନାଥ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଡ. ପ୍ରବୋଧ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। କମିଟିର ସଭାପତି ରତନ ସିହ୍ନା, ଉପସଭାପତି କାର୍ତ୍ତିକ ସାହୁ, କାର୍ଯ୍ୟକାରୀ ସଭାପତି ସତ୍ୟାନନ୍ଦ ସାହୁ ଚନ୍ଦନଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସ୍ଥାନୀୟ ଚନ୍ଦନ ପୋଖରୀରେ ଏକ ସୁସଜ୍ଜିତ ଚାପରେ ପ୍ରଭୁଙ୍କୁ ନେଇ ଚାପଖେଳ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ପୋଖରୀ ଚତୁଃପାର୍ଶ୍ୱରେ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। କମିଟିର କର୍ମକର୍ତ୍ତା ପୂର୍ଣ୍ଣଚନ୍ଦ୍ର ରାୟ, ପଦ୍ମନାଭ ସାହୁ, ଭାସ୍କର ପଟ୍ଟନାୟକ, ଦେବାଶିଷ ବୋଷ, କାର୍ତ୍ତିକ ଦାସ, ରୁଦ୍ର ବେହେରା, ମୁରଲୀଧର ବେହେରା, ବିଦ୍ୟାଧର ମହାନ୍ତି ଓ ମାନସ ଦାସ ପ୍ରମୁଖ ଏହାକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ୨ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

ଜଗତ୍‌ସିଂହପୁର,୩।୫ (ପ୍ରମୋଦ କୁମାର ନାୟକ)

ରସଲପୁରଠାରୁ କାଳିଆବୋରା ରାସ୍ତାର ଅଳକା ନଦୀରେ ଏକ ପୋଲ ନିର୍ମାଣ ପାଇଁ ଦୀର୍ଘ ଦିନ ଧରି ଦାବି ହୋଇଆସୁଥିଲା। ଅନୁରୂପ ଭାବେ ସାଂପୁରଠାରୁ ଭଗବାନପୁର ରାସ୍ତାର ନବୀକରଣ ପାଇଁ ମଧ୍ୟ ଦାବି ହୋଇଥିଲା। ଏହି ୨ଟି ପ୍ରକଳ୍ପ ନିର୍ମାଣ ପାଇଁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ସାମୂହିକ ଅଭିଯୋଗ ଶୁଣାଣିରେ ଅଭିଯୋଗ ହୋଇଥିଲା। ଏହାପରେ ବିଧାୟକଙ୍କ ହସ୍ତକ୍ଷେପରେ ପ୍ରକଳ୍ପ ଦୁଇଟି ଅନୁମୋଦନ ଲାଭ କରିଛି। ରସଲପୁରଠାରୁ କାଳିଆବୋରା ରାସ୍ତାର ଅଳକା ନଦୀପୋଲ ନିର୍ମାଣ ପାଇଁ ୪ କୋଟି ୫୨ ଲକ୍ଷ ୫୧ ହଜାର ୨୮୬ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେହିପରି ସାଂପୁରରୁ ଭଗବାନପୁର ରାସ୍ତାର ନବୀକରଣ ପାଇଁ ୬ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ୨ଟି ପ୍ରକଳ୍ପ ପାଇଁ ବିଧାୟକ ଦାସ ଶିଳାନ୍ୟାସ କରିଛନ୍ତି।

# ବ୍ରଦର୍ସ ଏକାଦଶକୁ ହରାଇ ଏମ୍‌କେସିସି ଏକାଦଶ ଚାମ୍ପିୟନ



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

**ଗାଦି ଗୋସାଇଁ ପ୍ରିମିୟର ଲିଗ୍‌ର ଚତୁର୍ଥ ସଂସ୍କରଣ**

ଜଗତ୍‌ସିଂହପୁର,୩।୫
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ କୁଳସାହି ତରଡ଼ାପଡ଼ାରେ ଅନୁଷ୍ଠିତ ଗାଦି ଗୋସାଇଁ ପ୍ରିମିୟର ଲିଗ୍‌ର ଚତୁର୍ଥ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଛୋଟ ବାଉଣ୍ଡରୀ ରାତ୍ରିକାଳୀନ ଏହି କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲରେ ଜଗତ୍‌ସିଂହପୁରର ବ୍ରଦର୍ସ ଏକାଦଶକୁ ହରାଇ ବାଲିକୁଦାର ଏମ୍‌କେସିସି ଏକାଦଶ ଚାମ୍ପିୟନ ହେବାର ଗୌରବ ହାସଲ କରିଛି। ଏହି ଅବସରରେ ଆୟୋଜିତ ସଭାରେ ଜଗତ୍‌ସିଂହପୁର ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ୨ ଦଳର ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଆୟୋଜକମାନଙ୍କ ପକ୍ଷରୁ କୁହାଯାଇଛି, ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଷ୍ଟାଣ୍ଡାର୍ଡ ଏକାଦଶ ଓ ଦାସବାତିଆ ବ୍ରଦର୍ସ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ସାହୁ ଫିତା କାଟି ଟୁର୍ନାମେଣ୍ଟରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଧର ସାହୁ, ସଙ୍ଗୀତ ଗୁରୁ ବିରଞ୍ଚି ନାରାୟଣ ବେହେରା ଓ ପୂର୍ବତନ ନୌସେନା କର୍ମଚାରୀ ସୁକାନ୍ତ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଟିପୁ, ଦିପୁନା, ସନ୍ତୋଷ, ରୋଶନ ଓ ଟୁନୁ ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

# ମାଳ ମରିଚପୁର ଅଞ୍ଚଳରେ ବ୍ଲକ ପ୍ରତିଷ୍ଠା ଦାବି ତେଜିଲା

ବାଲିକୁଦା,୩।୫(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକର ମାଳ ମରିଚପୁର ଅଞ୍ଚଳଭାବେ ପରିଚିତ ୯ ପଞ୍ଚାୟତ ରାହାଣ, ଓଷକଣା, ଖାଲଗାଁ, ଅନନ୍ତପୁର, କୁସୁପୁର, ଅପଣ୍ଡରା, ବରମୁଣ୍ଡଳୀ, ନହରଣା ଓ ମରିଚପୁର ପଞ୍ଚାୟତକୁ ନେଇ ନୂତନ ବ୍ଲକ ପ୍ରତିଷ୍ଠା ପାଇଁ ଦାବି ଜୋର୍ ଧରିଛି। ଏନେଇ ଭଏସ୍ ଅଫ ବାଲିକୁଦା ସଙ୍ଗଠନର ଆହ୍ୱାନ କ୍ରମେ ମା' ବନ୍ଦରେଇ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପରୋକ୍ତ ଅଞ୍ଚଳର ବହୁ ମହିଳା, ପୁରୁଷ ଓ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।

ପୂର୍ବତନ ସରପଞ୍ଚ ସଦାନନ୍ଦ ବେହେରାଙ୍କ ସଭାପତିତ୍ୱ ଓ ଖବରଦାତା ପ୍ରଣବ ପ୍ରଧାନଙ୍କ ସଂଯୋଜନାରେ ଏହି ବୈଠକ ଆୟୋଜନ ହୋଇଥିଲା। ବୈଠକରେ କୁହାଯାଇଛି, ସରକାର ନିର୍ବାଚନମଣ୍ଡଳୀ ବୃଦ୍ଧି ସହ ବ୍ଲକ ବୃଦ୍ଧି ପାଇଁ ଯେଉଁ ଯୋଜନା କରିଛନ୍ତି, ସେଥିରେ ଉପରୋକ୍ତ ଅଞ୍ଚଳ ଭୌଗୋଳିକ ଓ ସମସ୍ତ ଦୃଷ୍ଟି କୋଣରୁ ବ୍ଲକ ପାଇଁ ଯୋଗ୍ୟ। ଏଣୁ ସରକାର ଆଗାମୀ ଦିନରେ ଉପରୋକ୍ତ ଅଞ୍ଚଳରେ ଏକ ନୂତନ ବ୍ଲକ ପ୍ରତିଷ୍ଠା କରନ୍ତୁ। ଏହି ପ୍ରସ୍ତାବକୁ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ପ୍ରସ୍ତୁତି ହେବା ଆବଶ୍ୟକ। ବ୍ଲକ ପ୍ରତିଷ୍ଠା ହେଲେ ଏହି ଅଞ୍ଚଳକୁ ଅନେକ ପ୍ରଶାସନିକ ସୁବିଧା ସୁଯୋଗ ମିଳିବ। ଏଥିସହ ଅଞ୍ଚଳଟି ବିକଶିତ ଅଞ୍ଚଳ ଭାବେ ଗଢ଼ିଉଠିବ। ଏଥିପାଇଁ ପ୍ରତ୍ୟେକ ପଞ୍ଚାୟତରେ ଦସ୍ତଖତ ଅଭିଯାନ ସହ ଜନଜାଗରଣ ସୃଷ୍ଟି କରାଯିବ। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଜିଲାପାଳ, ବିଧାୟକ, ଏମ୍‌ପି ଓ ମନ୍ତ୍ରୀଙ୍କୁ ଭେଟି ଅଞ୍ଚଳବାସୀଙ୍କ ସମ୍ମିଳିତ ଦସ୍ତଗତ ପୂର୍ଣ୍ଣ ଦାବିପତ୍ର ପ୍ରଦାନ କରାଯିବ। ଆବଶ୍ୟକ ପଡିଲେ ନିଜ ହକ୍ ପାଇଁ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଭଏସ୍ ଅଫ ବାଲିକୁଦା ସଙ୍ଗଠନ ସଭାପତି କିଶୋର ମହାନ୍ତି ସୂଚନା ଦେଇଥିବା ବେଳେ ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜଳ ସମ୍ପଦ ବିଭାଗର ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଇଂ. ଚଣ୍ଡେଶ୍ୱର ବେହେରା, ସୂଚନା ଅଧିକାର କର୍ମୀ ପ୍ରଶାନ୍ତ କୁମାର ରାଉତରାୟ, ନିର୍ମଳ କୁମାର ସାହୁ, ଶିକ୍ଷାବିତ୍ ସରୋଜ କୁମାର ମହାନ୍ତି, ଶିକ୍ଷକ ଦେବକାନ୍ତ ବିଶ୍ୱାଳ, ସାମାଜିକ କର୍ମୀ ରୁଦ୍ର ନାରାୟଣ ପ୍ରଧାନ, ଭଏସ୍ ଅଫ୍ ବାଲିକୁଦା ସଙ୍ଗଠନ ସମ୍ପାଦକ ଆଲୋକ କୁମାର ବେହେରା, ମାତୃଶକ୍ତି କଳା ଓ ସଂସ୍କୃତି ସୁରକ୍ଷା ପରିଷଦ ସଂଯୋଜକ ଅକ୍ଷୟ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ।


ବୈଠକରେ ସାମିଲ ହୋଇଥିବା ବିଭିନ୍ନ ପଞ୍ଚାୟତର ଲୋକେ ।

**ସଂକ୍ଷେପରେ**

## ସ୍କୁଟି-ବାଇକ୍ ଧକ୍କା, ଭିନ୍ନକ୍ଷମଙ୍କ ମୃତ୍ୟୁ

ଜଗନ୍ନାଥ ପ୍ରସାଦ,୩।୫ (ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥ ପ୍ରସାଦ ଥାନା ନୂଆଁ ଜିରାବାଡ଼ି ମୁଖ୍ୟ ରାସ୍ତାରେ ଶନିବାର ସ୍କୁଟି ଓ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ସୋରଡ଼ା ଥାନା କେଶରୀ ପାଟଣା ଗ୍ରାମର ଗୋପୀନାଥ ଗୌଡ଼ଙ୍କ ଭିନ୍ନକ୍ଷମ ପୁଅ ହର୍ଷ ଗୌଡ଼ (୩୬)। ଗୁରୁତର ଜଣକ ହେଲେ ସ୍ଥାନୀୟ ଥାନା ଅଧୀନ କୁଶାପଲି ଗ୍ରାମର ସିଭେନ୍ଦ୍ର କୁମାର ଭଞ୍ଜଦେଓ (୪୦)। ସୂଚନାଯୋଗ୍ୟ, ହର୍ଷ ଭୁବନେଶ୍ୱରରେ ଚା ଦୋକାନ କରିଛନ୍ତି । ତାଙ୍କ ଭାଉଜଙ୍କ ପ୍ରଥମ ଶ୍ରଦ୍ଧାବାର୍ଷିକରେ ଦେବା ପାଇଁ ନିଜ ସ୍କୁଟି ଯୋଗେ ସୋରଡ଼ା ଯାଉଥିଲେ। ଅପରାହ୍ନରେ କାଳ ବୈଶାଖୀ ହେବାରୁ ବିପରୀତ ଦିଗରୁ ଆସୁଥିବା ସିଭେନ୍ଦ୍ରଙ୍କ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜଗନ୍ନାଥ ପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ହର୍ଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ସିଭେନ୍ଦ୍ରଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ସ୍ଥାନୀୟ ପୋଲିସ ମୃତଦେହକୁ ଜବତ କରି ମାମଲା ରୁଜୁ କରିଛି।

## ପରିତ୍ୟକ୍ତ କୋଠାରୁ ମୃତଦେହ ଜବତ

ଦିଗପହଣ୍ଡି,୩।୫(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା ମହୁଡା ନିକଟସ୍ଥ ଚାଙ୍ଗୁଡାପଲ୍ଲୀ ଗ୍ରାମ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ଏକ ପରିତ୍ୟକ୍ତ କୋଠାରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଶନିବାର ଜବତ ହୋଇଛି। ସେ ହେଲେ ଚାଙ୍ଗୁଡାପଲ୍ଲୀ ଗ୍ରାମର ସୁରେନ୍ଦ୍ର ଗୌଡ଼(୫୦)। ସେ ସପ୍ତାହେ ହେଲା ନିଖୋଜ ଥିଲେ । ଏନେଇ ଥାନା ପରିବାର ଲୋକଙ୍କ ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇଥିଲା । ମୃତଦେହ ଜବତ ପରେ ପୋଲିସ ନଂ.୨୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। କୌଣସି କାରଣରୁ ସେ ମାନସିକ ଭାରସାମ୍ୟ ହରାଇ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ୁଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସୁରେନ୍ଦ୍ରଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଆଇଆଇସି କିଶୋର ସାମଲ କହିଛନ୍ତି।

## ଘରେ ଲାଗିଲା ନିଆଁ, ବର୍ତ୍ତିଲେ ପରିବାର

ଖଜୁରିପଡ଼ା, ୩।୫ (ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ ଚିତ୍ରାପଙ୍ଗା ପଞ୍ଚାୟତ ତିଳକପଡ଼ା ଗ୍ରାମର ଶୁଭେନ୍ଦୁ ଦିଗାଲଙ୍କ ଘରେ ନିଆଁ ଲାଗି ଆସବାପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଏଥିସହ ଘରେ ଥିବା ୨ ମାସର ଶିଶୁ ସହ ପରିବାରର ୫ ସଦସ୍ୟ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଶୁଭେନ୍ଦୁ ପରିବାର ସହ ଏକ ଟିଣ ଛପର ଘରେ ରହୁଥିଲେ। ରବିବାର ସକାଳ ବେଳେ କୌଣସି କାରଣବଶତଃ ଘର ଭିତର ଧୂଆଁ ବାହାରୁଥିବା ପରିବାର ଲୋକେ ଲକ୍ଷ୍ୟ କରିଥିଲେ। ସେହି ସମୟରେ ଘର ଭିତରେ ଥିବା ଖଟ ଉପରେ ୨ ମାସର ଶିଶୁ ଶୋଇଥିଲା। ଗ୍ରାମବାସୀ ଓ ପରିବାର ଲୋକେ ଘର ଭିତରକୁ ପଶି ଶିଶୁଟିକୁ ଉଦ୍ଧାର କରିଛନ୍ତି। ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ଗ୍ରାମବାସୀଙ୍କ ଚେଷ୍ଟା ସତ୍ତ୍ୱେ ଆୟତ୍ତ ହୋଇପାରି ନ ଥିଲେ। ଖବର ପାଇ ଫୁଲବାଣୀ ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସକାଳ ସମୟ ହୋଇଥିବାରୁ ଏକ ବଡ଼ ଅଘଟଣ ରୋକାଯାଇପାରିଲା। ଏନେଇ ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

## ଖବରଦାତାଙ୍କ କଳାବ୍ୟାଜ୍ ପରିଧାନ

ମୋହନା,୩।୫(ମନ୍ମଥ ମିଶ୍ର)

ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘର ନିର୍ଦ୍ଦେଶରେ ଗଜପତି ଜିଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଏକ ନୀରବ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉପସଭାପତି ପଞ୍ଚାନନ ଦାଶଙ୍କ ତତ୍ତ୍ୱାବଧାନରେ ଡାକବଙ୍ଗଳାଠାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୋହନା ଉତ୍କଳ ସାମ୍ବାଦିକ ସଂଘ ସଦସ୍ୟ ମନ୍ମଥ ମିଶ୍ର, ଜିତେନ୍ଦ୍ର ବେହେରା,ପିଣ୍ଟୁ ପ୍ରଧାନ, ମୋଜେସ ରଇତ, ବିମଳ ମଲିକ, ଧୀରେନ ନାୟକ, ମୋହନ ଗୌଡ଼ ଓ ଅନ୍ୟମାନେ ସାମିଲ ହୋଇ କଳାବ୍ୟାଜ ପରିଧାନ କରି ପ୍ରତିବାଦ ଜଣାଇଥିଲେ। ଖବରଦାତାଙ୍କ ଦାବିଗୁଡିକ ମଧ୍ୟରେ ପ୍ରେସ ଏକାଡ଼େମୀ ଗଠନ, ଖବରଦାତାଙ୍କ ସୁରକ୍ଷା ଆଇନ ପ୍ରଣୟନ, ପେନସନ, ସ୍ୱାସ୍ଥ୍ୟ ବୀମା ଯୋଜନା ସଂପ୍ରସାରଣ, ଅନୁକମ୍ପାମୂଳକ ସହାୟତା ରାଶି ୧୦ ଲକ୍ଷକୁ ବୃଦ୍ଧି ଆଦି ଦାବି ରହିଛି।

# ଚାଚେରି ଭୋଗ ଲାଗି ଠାକୁରଙ୍କ ଗ୍ରାମ ପରିକ୍ରମା ସମୟ ନିର୍ଘଣ୍ଟ

ଖଣ୍ଡପଡ଼ା,୩।୫
(ଅଜୟ କୁମାର ମହାରଣା)

ଚନ୍ଦନ ଯାତ୍ରା ପରିପ୍ରେକ୍ଷୀରେ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ବିମାନରେ କଣ୍ଟିଲୋ ଅଞ୍ଚଳର ବିଭିନ୍ନ ସାହି ପରିକ୍ରମା କରି ଚାଚେରି ଖାଇବା ନେଇ ଦେବୋତ୍ତର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

ଠାକୁରମାନଙ୍କ ଜଳକ୍ରୀଡା(ଚାପ)ର ୧୦ ଦିନ ପରେ ଅର୍ଥାତ୍ ଗତ ଗୁରୁବାର ୧୧ଚାପର ରାତ୍ରି ଚାପ ପରେ ବିଭିନ୍ନ ସାହିମାନଙ୍କୁ ବିଜେ ହୋଇ ଚାଚେରୀ ଭୋଗ ଖାଇବାର ପରମ୍ପରା ରହିଛି। ଏହି କ୍ରମରେ ଠାକୁରମାନେ କେଉଁ ସାହିକୁ କେଉଁ ଦିନ ବିଜେ ହୋଇ ଚାଚେରୀ ଭୋଗ ଖାଇବାକୁ ବିଜେ ହେବେ ସେ ସମ୍ପର୍କରେ ଦେବୋତ୍ତର ବିଭାଗ ପକ୍ଷରୁ ଏକ ତାଲିକା ବିନା ପ୍ରସ୍ତୁତି ବୈଠକରେ କରାଯାଇଛି । ତାଲିକାନୁଯାୟୀ ୨ ତାରିଖରେ ଠାକୁର ରାତ୍ର ଚାପ ସମ୍ପନ୍ନ କରିବା ପରେ ବଟେଶ୍ୱର ଓ କୃଷ୍ଣେଶ୍ୱର ଦେବଙ୍କ ମନ୍ଦିର ବିଜେ ହେବେ । ରବିବାର ଠାକୁରଙ୍କ ରାତ୍ର ଚାପ ସମ୍ପନ୍ନ ହୋଇ ପାଟଣା ଅଞ୍ଚଳକୁ ଚାଚେରୀ ଭୋଗ ନିମନ୍ତେ ବିଜେ ହେବେ। ବିଜେ ସମୟରେ ବାଟରେ ଥିବା ପଞ୍ଚାୟତ କାର୍ଯ୍ୟାଳୟ ଓ ଉକ୍ତ ରାସ୍ତାରେ ଥିବା ବିଭିନ୍ନ ଗୃହରେ ଚାଚେରୀ ଭୋଗ ଲାଗିବା ସହ ପାଣ୍ଡୁସାହୁପାଟଣା, କୁଞ୍ଜବିହାରୀପୁର ପାଟଣା ଓ ନେହେରୁ ପାଟଣା ଗ୍ରାମରେ ଠାକୁର ଚାଚେରୀ ଭୋଗ ସମ୍ପନ୍ନ କରି ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ସୋମବାର ବିଦୁରବେହେରା ପାଟଣା ଗୋପୀନାଥ ମନ୍ଦିରଠାରୁ ହରିସୁବୁଦ୍ଧିପାଟଣା, କୃଷ୍ଣଚନ୍ଦ୍ରପୁର ପାଟଣାରେ ଭୋଗଲାଗି, ମଙ୍ଗଳବାର ଚାପ ପୂର୍ବରୁ ଅପରାହ୍ନ ପ୍ରାୟ ୩ଟାରେ ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ଶରତ ବେହେରାଙ୍କ ଘରଠାରୁ ମଧୁ ମିଶ୍ର ଏବଂ ନୀଳମଣି ସାହୁଙ୍କ ଗୃହ ପର୍ଯ୍ୟନ୍ତ, ସନ୍ଧ୍ୟାରେ ରାତ୍ର ଜଳ କ୍ରୀଡା ସମ୍ପନ୍ନ କରି ବାପୁଜୀନଗରସ୍ଥିତ ବଟେଶ୍ୱର ଦେବଙ୍କ ମନ୍ଦିରଠାରୁ ସାହି ମଧ୍ୟରେ ଥିବା ଗୃହମାନଙ୍କରେ ଚାଚେରୀ ଭୋଗ ଲାଗି ହୋଇ ହରି ଦାସଙ୍କ ଗୃହ ପର୍ଯ୍ୟନ୍ତ ଓ ପରେ ଖୁଦ ବେହେରା ପାଟଣା ଏକାମ୍ର ଜେନାଙ୍କ ଗୃହ ପର୍ଯ୍ୟନ୍ତ ଚାଚେରୀ ଭୋଗ ଲାଗି ହୋଇ ମନ୍ଦିର ବିଜେ ହେବେ। ବୁଧବାର ୧୭ ଚାପରେ ଅପରାହ୍ନ ୩ଟାରେ ଚାପ ପୂର୍ବରୁ ୟୁକୋ ବ୍ୟାଙ୍କ, ନରେନ୍ଦ୍ରପୁରପାଟଣା, ମେଡିକାଲଠାରୁ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଥିବା ସମସ୍ତ ଗୃହମାନଙ୍କରେ ଭୋଗ ସାରି ଚାପକୁ ବିଜେ ହେବେ ।

ସେହିପରି ରାତ୍ର ଚାପ ସମ୍ପନ୍ନ ପରେ କୃଷ୍ଣେଶ୍ୱର ପାଟଣା(ଥୋଡିଆ ସାହି), ଗଉଡସାହି ଓ ଜ୍ୱାଇଁପଡା ମନୋଜ ମହାପାତ୍ରଙ୍କ ଗୃହ ପର୍ଯ୍ୟନ୍ତ ଥିବା ଘରମାନଙ୍କରେ ଭୋଗଲାଗି ହୋଇ ମନ୍ଦିର ଫେରିବେ । ଗୁରୁବାର ୧୮ ଚାପ ଦିନ ଅପରାହ୍ନ ୩ଟାରେ ଚାପ ପୂର୍ବରୁ ଜୟ ସାହୁଙ୍କ ଗୃହଠାରୁ ଫକୀରଅତବୁଦ୍ଧି ପାଟଣା, ଛାମୁପାଟଣା ଓ ବରୁଣେଇ ମନ୍ଦିର ପର୍ଯ୍ୟନ୍ତ ଥିବା ଗୃହରେ ଭୋଗ ଲାଗି ହୋଇ ଚାପକୁ ବିଜେ ହେବେ । ସେହିପରି ଉକ୍ତ ରାତ୍ର ଚାପ ପରେ ଏକ୍ରାମ ଜେନାଙ୍କ ଘରଠାରୁ ଖୁଦ ବେହେରା ପାଟଣା, କଣ୍ଢେଇଗୁଣି ସାହି, କାଳିଆ ବାରିକ ଓ ବିଜୟ ଜେନାଙ୍କ ଗୃହ ପର୍ଯ୍ୟନ୍ତ ଭୋଗ ଲାଗି ହୋଇ କୃଷ୍ଣେଶ୍ୱର ଦେବଙ୍କ ମନ୍ଦିର ପରିକ୍ରମା କରି ମନ୍ଦିର ବିଜେ ହେବେ । ଶୁକ୍ରବାର ଚାପ ପୂର୍ବରୁ ଅପରାହ୍ନ ପ୍ରାୟ ୩ଟାରେ ବରୁଣେଇ ମନ୍ଦିରଠାରୁ ଫକୀରଅତବୁଦ୍ଧି ପାଟଣା ସାହି ଶେଷ ପର୍ଯ୍ୟନ୍ତ ଥିବା ଗୃହମାନଙ୍କରେ ଭୋଗ ଲାଗି ହୋଇ ଚାପକୁ ବିଜେ ହେବେ। ଉକ୍ତ ଦିନ ରାତ୍ର ଚାପ ପରେ ମାଧବ ଚୌଧୁରୀ ପାଟଣାରେ ଭୋଗ ଲାଗି ହୋଇ ମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ । ଶନିବାର ଚାପ ପୂର୍ବରୁ ଅପରାହ୍ନ ୩ଟାରେ ସେବକସାହି ପରିକ୍ରମାରେ ଭୋଗ ସାରି ନାହକରାସାହିଠାରୁ ପ୍ରମୋଦ ମିଶ୍ରଙ୍କ ଗୃହ ପର୍ଯ୍ୟନ୍ତ ଚାଚେରୀ ଲାଗି ହୋଇ ଚାପକୁ ବିଜେ ହେବେ । ପରେ ରାତ୍ର ଚାପ ସମ୍ପନ୍ନ କରି ଠାକୁର ଯାତ୍ରାପଦା ବଜାର ଓ ତଳ ବଜାର, ଫଣେଶ୍ୱର ମନ୍ଦିରଠାରୁ ହାଟମୁଣ୍ଡ ପାଟଣା ଦେଇ ଜୟ ମିଶ୍ରଙ୍କ ଗୃହ ପର୍ଯ୍ୟନ୍ତ ଚାଚେରୀ ଭୋଗ ଖାଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ରବିବାର ସନ୍ଧ୍ୟାରେ ଠାକୁର ଶୋଭାଯାତ୍ରାରେ ମନ୍ଦିରରୁ ବାହାରି ସେବକସାହିର କିଛି ସେବାୟତଙ୍କ ଗୃହରେ ଭୋଗଲାଗି ହୋଇ ଚାପକୁ ବିଜେ ହେବେ । ପରେ ୧୮ ଚାପ ସମ୍ପନ୍ନ କରି ପୁନର୍ବାର ବ୍ରାହ୍ମଣ ସାହିକୁ ଭୋଗଲାଗି ନିମନ୍ତେ ବିଜେ ହୋଇ ପୁଣି ଚାପକୁ ବିଜେ ହୋଇ ରାତ୍ର ଚାପ ସମ୍ପନ୍ନ କରିବେ । ପରେ ଠାକୁରଙ୍କୁ ଚନ୍ଦନ ମଣ୍ଡପକୁ ବିଜେ କରା ନ ଯାଇ ବିମାନମାନଙ୍କରେ ଅବସ୍ଥାନ କରାଯାଇ ବଡସିଂହାର ଭୋଗ ସମ୍ପନ୍ନ ହେବ । ସୋମବାର ହଳଦୀପାଣି, ବ୍ରହ୍ମାଦ୍ରୀ ବିଜେ ତଥା ବାସୀ ଭଉଁରୀ ସକାଳୁ ଠାକୁରଙ୍କ ବଲ୍ଲଭ ନୀତି ସମ୍ପନ୍ନ ହୋଇ ଅପରାହ୍ନ ପ୍ରାୟ ୫ଟାରେ ଚନ୍ଦନ ମଣ୍ଡପଠାରୁ ବାହାରି ଗ୍ରାମ ପରିକ୍ରମା କରି ଦକ୍ଷିଣ ଦ୍ୱାରଠାରୁ ସତ୍ୟ ସୁନ୍ଦର ମିଶ୍ରଙ୍କ ଗୃହ ପର୍ଯ୍ୟନ୍ତ ଚାଚେରୀ ଭୋଗ ଲାଗି ହୋଇ ପରିଶେଷରେ ଦେବୋତ୍ତର କାର୍ଯ୍ୟାଳୟ ଓ ବାଘ ଆଖଡା ଘର ଭୋଗ ଶେଷ କରି ମନ୍ଦିରକୁ ବାହୁଡା ବିଜେ କରିବେ ବୋଲି ବିଭଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ବିଶେଷକରି ଠାକୁର ପ୍ରତ୍ୟେକ ସାହିକୁ ପରିକ୍ରମା କରିବା ସମୟରେ ସାହିର ପରିମଳ ବ୍ୟବସ୍ଥା ସୁସ୍ଥ ରଖିବା ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ଲାଗି ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ଅନୁରୋଧ କରିଥିବା ଜଣାଯାଇଛି।

## କାଳବୈଶାଖୀ ପ୍ରଭାବରେ ଗଛ, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା

ଖଣ୍ଡପଡା,୩।୫
(ଅଜୟ କୁମାର ମହାରଣା)


ଭାଙ୍ଗି ପଡିଥିବା ବିଦ୍ୟୁତ୍ ଖୁଣ୍ଟ ।

କାଳବୈଶାଖୀ ପ୍ରଭାବରେ ବର୍ଷା, ପବନ ଓ କୁଆପଥର ବର୍ଷା ଯୋଗୁ ଖଣ୍ଡପଡା ବ୍ଲକ ଅଧୀନ ୨୨ଟି ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ରାସ୍ତା କଡରେ ଥିବା ବଡ ବଡ ଗଛ ଓ ଡାଳ ଭାଙ୍ଗି ପଡିବା ଯୋଗୁ ଅନେକ କଚା ଘର ଭାଙ୍ଗି ନଷ୍ଟ ହେବା ସହ ୩୩ କେଭି, ୧୧କେଭି ଓ ଏଲ୍‌ଟି ଲାଇନ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ସରବରାହ ବନ୍ଦ ରହିଥିବା ଖଣ୍ଡପଡା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଆଦିତ୍ୟ କୁମାର ଦାସଙ୍କଠାରୁ ସୂଚନା ମିଳିଛି । ବିଦ୍ୟୁତ୍ ସରବରାହ ପ୍ରାୟ ୨୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ବ୍ୟାହତ ହେବା ଯୋଗୁ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡିଛି। କୁମ୍ଭାରପଡା ଶୁଣ୍ଡିସାହି ନିବାସୀ ସଦାଶିବ ନାୟକଙ୍କ ଘର ଏହି କାଳବୈଶାଖୀରେ ନଷ୍ଟ ହୋଇଥିବା ବେଳେ କୁରୁମ ସାହିର ଗାଣ୍ଡୁ ପ୍ରଧାନ ନିଜ ଘରେ ଥିବା ସମୟରେ ନିକଟରେ ଥିବା ଏକ ବିଶାଳ ଶିମିଳି ଗଛ ଭାଙ୍ଗି ଘର ଉପରେ ପଡିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାଯାଇଛି।

## ବୌଦ୍ଧ ପୂର୍ଣ୍ଣମୀ ପାଳିତ


ଯୋଗିଯୋଗିଆଣୀ ବୌଦ୍ଧ ପୀଠ ।

ଖଣ୍ଡପଡା,୩।୫
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲାର ଏକମାତ୍ର ବୌଦ୍ଧ ପୀଠ ଭାବେ ଖଣ୍ଡପଡା ବ୍ଲକ କୋସ୍‌କା ପଞ୍ଚାୟତ ଯୋଗିଯୋଗିଆଣୀ ବୌଦ୍ଧ ପୀଠ ପରିଚିତ। ଶୁକ୍ରବାର ବୌଦ୍ଧ ପୂର୍ଣ୍ଣମୀ ଅବସରରେ ଯୋଗିଯୋଗିଆଣୀ ପୀଠରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ସଜିତ ପଟ୍ଟନାୟକଙ୍କ ନେତୃତ୍ୱରେ ୨୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ପାରମ୍ପରିକ ନୀତିରେ ପୂଜାର୍ଚ୍ଚନା ସମ୍ପନ୍ନ କରିଥିଲେ। ପରେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନୀଳାମ୍ବା ଠାକୁରାଣୀ ଯାତ୍ରା ଆରମ୍ଭ


ଆରମ୍ଭ ହୋଇଥିବା ମା' ନୀଳାମ୍ବା ଠାକୁରାଣୀଙ୍କ ଯାତ୍ରାରେ ମା'ଙ୍କୁ ଶ୍ରଦ୍ଧାଳୁ ପରିକ୍ରମାରେ ନେଉଛନ୍ତି।

ପାରଳାଖେମୁଣ୍ଡି,୩।୫(ଗିରିଧାରୀ ପରିଚ୍ଛା)

ଗଜପତି ଜଲା ସଦର ପାରଳାଖେମୁଣ୍ଡି ସହରର ୱାର୍ଡ ନମ୍ବର ୯ ଅନ୍ତର୍ଗତ କୁମୁଟି ସାହି ପକ୍ଷରୁ ମା' ନୀଳାମ୍ବା ଠାକୁରାଣୀଙ୍କ ଯାତ୍ରା ଆରମ୍ଭ ହୋଇଛି। ଦୀର୍ଘ ବର୍ଷ ପରେ ଏହି ଯାତ୍ରା ହେଉଥିବାରୁ ଅଞ୍ଚଳରେ ଉତ୍ସାହ ଉଦ୍ଦୀପନା ପ୍ରକାଶ ପାଇଛି। ରବିବାର ଯାତ୍ରାର ପ୍ରଥମ ଦିବସରେ କଳସ ଯାତ୍ରା ହୋଇଥିଲା। ଶତାଧିକ ମହିଳା ଜଳ କଳସ ମୁଣ୍ଡେଇ ମା'ଙ୍କୁ ସମର୍ପଣ କରି ନିମନ୍ତ୍ରଣ କରିଥିଲେ। ଏହି ଠାକୁରାଣୀ ଯାତ୍ରା ମଙ୍ଗଳବାର ପର୍ଯ୍ୟନ୍ତ ତିନି ଦିନ ଧରି ଚାଲିବ। ଏହି ତିନି ଦିନ ଧରି ମା' ନଗର ପରିକ୍ରମା କରି ଅସ୍ଥାୟୀ ମଣ୍ଡପରେ ପୂଜା ପାଇବେ। ମା'ଙ୍କ ଯାତ୍ରାକୁ ନେଇ ଉକ୍ତ ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଛି। ଶ୍ରଦ୍ଧାଳୁମାନେ ମା'ଙ୍କୁ ଦର୍ଶନ କରିବାକୁ ଆସି ପୂଜାର୍ଚ୍ଚନା କରି ମାନସିକ ପୂରଣ ପାଇଁ ମା'ଙ୍କ ନିକଟରେ କାମନା କରି ଫେରୁଛନ୍ତି।

## ଏଟିଏମ୍‌ରେ ଟଙ୍କା ନାହିଁ, ଲୋକେ ହଇରାଣ

ଶେରଗଡ଼,୩।୫(ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକରେ ଆବଶ୍ୟକ ସମୟରେ ଟଙ୍କା ଉଠାଇବା ଲାଗି ଏଟିଏମ୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରୁ ଲୋକେ ବ୍ଲକକୁ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି। ଏଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଦୁଇଟି ଏଟିଏମ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଗୋଟିଏ, ୟୁନିୟନ ବ୍ୟାଙ୍କର ଗୋଟିଏ ଏଟିଏମ ରହିଛି। ୪ ଦିନ ହେଲା ଉକ୍ତ ଏଟିଏମଗୁଡିକ ବନ୍ଦ ରହିଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ୟୁନିୟନ ବ୍ୟାଙ୍କ ଟଙ୍କାର ରହିଥିବା ଏଟିଏମ୍‌ରେ ଟଙ୍କା ନ ଥିବା ବେଳେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଏଟିଏମ ଖରାପ ହୋଇ ପଡିଛି। ଉପରୋକ୍ତ ତିନି ବ୍ୟାଙ୍କ କର୍ତ୍ତୃପକ୍ଷ ଏଟିଏମ ସଜାଡି ଲୋକଙ୍କୁ ସେବା ଯୋଗାଇବା ବଦଳରେ ନୀରବ ରହିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ଲୋକଙ୍କୁ ଏଟିଏମ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ୨ ବାଇକ୍ ଧକ୍କା, ଦୁଇ ଚାଳକ ଗୁରୁତର

ହାଡୁଭାଙ୍ଗି,୩।୫(ହରିଶ୍ଚନ୍ଦ୍ର ପରିଚ୍ଛା)

ଗଜପତି ଜିଲା କାଶୀନଗର ବ୍ଲକ ରାଣୀପେଣ୍ଠ ଗ୍ରାମ ନିକଟରେ ରବିବାର ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଦୁଇ ବାଇକ୍ ଚାଳକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ଦ୍ରୁତ ଗତିରେ ଆସୁଥିବା ବେଳେ ଭାରସାମ୍ୟ ହରାଇ ଉଭୟ ବାଇକ୍ ପରସ୍ପରକୁ ଧକ୍କା ଦେଇଥିବା ଜଣାପଡିଛି। ଉଭୟ ବାଇକ୍ ଚାଳକ ଜଣେ ଲକ୍ଷ୍ମୀପୁର ଗ୍ରାମର ହୋଇଥିବା ବେଳେ ଆଉଜଣେ ଆର୍.ସୀତାପୁର ଗ୍ରାମର। ଉଭୟଙ୍କୁ ପଥଚାରୀମାନେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଦୁର୍ଘଟଣା ସ୍ଥଳରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବ୍ଲକସ୍ତରୀୟ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଧରାକୋଟ,୩।୫(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ଧରାକୋଟ ବ୍ଲକସ୍ତରରେ ଯୁଗ୍ମ ଟପ୍ପର ହୋଇଥିବା ୨ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଢଉଗାଁ ବାସୁଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସାନିଆ ମୁନି (୫୪୦) ଓ ରେଞ୍ଜୀ ଦାମୋଦରପଲିର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଛାତ୍ର ବି. ଗଣେଶ ରେଡ୍ଡୀ (୫୪୦) ଯୁଗ୍ମ ଟପ୍ପର ହୋଇଥିବାରୁ ଉଭୟଙ୍କୁ ରବିବାର ଢଉଗାଁ ବାସୁଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ରବୀନ୍ଦ୍ର ବାଡତ୍ୟା ପୌରୋହିତ୍ୟରେ ଆୟୋଜିତ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ବିଇଓ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଢଉଗାଁ ସରପଞ୍ଚ ମନୁ ପାତ୍ର, ଏସଏମସି ସଭାପତି ଅଶ୍ୱିନୀ ପଡ଼ିଆରୀ ଉପସ୍ଥିତ ଥିଲେ। ସେହିପରି ଗ୍ରେଡ ୨ ରେ ଉତ୍ତୀର୍ଣ୍ଣ ହୋଇଥିବା ସ୍ନେହାରାଣୀ ଜେନା, ପ୍ରିୟଙ୍କା ପଟ୍ଟନାୟକ,ଜ୍ୟୋତିରାଣୀ ପଣ୍ଡା, ପ୍ରୀୟାଶି ପଣ୍ଡାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲାପ। ଏହି ବିଦ୍ୟାଳୟ ଗୁଡ଼ିକର ଚଳିତ ବର୍ଷର ପାସହାର ୯୮ ପ୍ରତିଶତ ରହିଛି । ଶିକ୍ଷକ ହର ନାଇକ, ରାଜେନ୍ଦ୍ର ମହାନ୍ତି, ରେଣୁକା ଦାସ, ରଞ୍ଜନ ସାହୁ, ଦୀପ୍ତିମୟୀ ବିଷୋୟୀ, ରାଧାରାଣୀ ଗୌଡ଼, ପ୍ରୀତିମାନ ପ୍ରଧାନ ସହଯୋଗ କରିଥିଲେ।

# କାଳ ବୈଶାଖୀରେ ଗଛପଡି ମୃତାହତ ପରିବାରଙ୍କୁ ଭେଟିଲେ ବିଧାୟକ

ପାରଳାଖେମୁଣ୍ଡି,୩।୫(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ବାଘଶାଳା ଗ୍ରାମରେ ଶୁକ୍ରବାର ପ୍ରବଳ ବର୍ଷା ପବନରେ ଗଛ ପଡ଼ି କେ. ମନ୍ମଥ ରାଓଙ୍କ ମୃତ୍ୟୁ ହୋଇଥିଲା। ଏ. ଶ୍ରୀନିବାସ ରାଓ ଗୁରୁତର ହୋଇଥିଲେ। ଏହି ଖବର ଜାଣିବା ପରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୁପେଶ କୁମାର ପାଣିଗ୍ରାହୀ ରବିବାର ମୃତକ ଓ ଗୁରୁତରଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଉଭୟ ପରିବାରଙ୍କୁ ବିଧାୟକ ଆଶ୍ୱସନା ଦେବା ସହ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏଥିସହ ବିଧାୟକ ଦୋକାନ ଉପରେ ଗଛ ପଡ଼ିଥିବା ସ୍ଥାନକୁ ଯାଇ ଦେଖିବା ସହ ବନ ବିଭାଗ ଅଧିକାରୀ କେ. ନାଗରାଜଙ୍କୁ ଫୋନ କରି ଆଲୋଚନା କରିଥିଲେ। ସେହି ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଗଛ ଓ ଡାଳଗୁଡ଼ିକୁ କାଟିବାକୁ କହିଥିଲେ । ବିଧାୟକଙ୍କ ଏହି ଗସ୍ତ ସମୟରେ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ. ବୀର ରାଜୁ, ବାଘଶାଳା ସରପଞ୍ଚ ଟି. ଭୀମ ରାଜୁ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମନ୍ମଥରାଓ ଓ ଏ. ଶ୍ରୀନିବାସ ଦୋକାନରେ ବସିଥିବା ବେଳେ କାଳ ବୈଶାଖୀ ଝଡବର୍ଷା ହୋଇଥିଲା। ଦୋକାନ ପଛଟେ ଥିବା ଏକ ବିରାଟକାୟ ଗଛ ଭାଙ୍ଗି ଶ୍ରୀନିବାସଙ୍କ ଦୋକାନ ଉପରେ ପଡିଥିଲା। ଫଳରେ ଉଭୟେ ଗଛ ତଳେ ଚାପି ହୋଇ ରହିଥିଲେ। କଟର ମେଶିନରେ ଗଛ କାଟି ପ୍ରଥମେ ଶ୍ରୀନିବାସଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ପଠାଯାଇଥିଲା। ପରେ କେ. ମନ୍ମଥ ରାଓଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା।

## ଅଭିଲାଷଙ୍କୁ ଶୁଭେଚ୍ଛା ଜଣାଇଲେ ଡିଇଓ


ଅଭିଲାଷଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ଜିଲା ଶିକ୍ଷାଧିକାରୀ

ଜି.ଉଦୟଗିରି,୩।୫
(ଶିଶିର ପଟ୍ଟନାୟକ/ଚିନ୍ମୟ ସେଠୀ)

ଚଳିତ ବର୍ଷ ମାଟ୍ରିକ ବୋର୍ଡ ପରୀକ୍ଷାରେ ୯୪ ପ୍ରତିଶତ ମାର୍କ ରଖି ବ୍ଲକ୍ ଟପର୍ ଓ ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜି.ଉଦୟଗିରି ହବାକ୍ ଉଚ୍ଚ ବିଦ୍ୟାଳୟର ଛାତ୍ର ଅଭିଲାଷ ପଟ୍ଟନାୟକଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଅଭିଲାଷ ମୋଟ ୫୬୨ ରଖି ଗୌରବ ଆଣିଥିବା ଶିକ୍ଷକ ବିଜୟ ମିଶ୍ର କହିଛନ୍ତି। ପରୀକ୍ଷା ଫଳାଫଳ ପ୍ରକାଶ ପାଇବା ପରେ ବିଦ୍ୟାଳୟ ତରଫରୁ ଅଭିଲାଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭିଲାଷଙ୍କ ଏହି ସଫଳତା ପାଇଁ ରବିବାର ଡିଇଓ ରାଜେଶ କୁମାର ସ୍ୱାଇଁ, ଏଡିଇଓ ମାନସ ରଞ୍ଜନ ଦାସ, ଜିଲା ଶିକ୍ଷା ବିଜ୍ଞାନ ନିରୀକ୍ଷକ ସିମାଞ୍ଚଳ ସ୍ୱାଇଁ ଏବଂ ପରୀକ୍ଷା ପରିଚାଳନା ବିଭାଗରେ ଥିବା କର୍ମଚାରୀ ଅଶ୍ୱିନୀ ପରିଚ୍ଛା ପ୍ରମୁଖ ଜି.ଉଦୟଗିରି ହବାକ ଉଚ୍ଚ ବିଦ୍ୟାଳୟକୁ ଆସି ଅଭିଲାଷଙ୍କୁ ସମ୍ବର୍ଦ୍ଧିତ ଶୁଭେଚ୍ଛା ଜଣାଇଛନ୍ତି। ଏହି ସମୟରେ ଅଭିଲାଷଙ୍କ ବାପା ଡ.ସତ୍ୟନାରାୟଣ ପଟ୍ଟନାୟକ ତାଙ୍କ ମାଆ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ ସମସ୍ୟା ନେଇ କ୍ରିୟାନୁଷ୍ଠାନ କମିଟିର ବୈଠକ


ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

ଜି.ଉଦୟଗିରି,୩।୫(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ଓ ସ୍ୱାସ୍ଥ୍ୟ ସେବା ସମସ୍ୟା ନେଇ ରବିବାର ସ୍ଥାନୀୟ ବ୍ୟବସାୟୀ ସଂଘ ସଭାଗୃହରେ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବରିଷ୍ଠ ସାମାଜିକ କର୍ମୀ ସାନ୍ତୁନୁ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଜି.ଉଦୟଗିରି ଏନ୍‌ଏସି ଓ ବ୍ଲକ୍‌ରୁ ବହୁ ଜନ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ସ୍ୱାକ ସଂଗଠନର ସାମାଜିକ କର୍ମୀ, ପୂର୍ବତନ ପ୍ରଶାସନିକ ଅଧିକାରୀ, ଆଇନଜୀବୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଜି.ଉଦୟଗିରି ଅଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟା ତଥା ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଅଲଟ୍ରାସାଉଣ୍ଡ ବ୍ୟବସ୍ଥା, ରକ୍ତ ଭଣ୍ଡାର ସ୍ଥାପନ ନେଇ ଆଲୋଚନା କରିଥିଲେ। ସୂଚନାନୁଯାୟୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଡାକ୍ତର ଅଛନ୍ତି କିନ୍ତୁ କାର୍ଯ୍ୟ କରୁ ନ ଥିବା ନଜରକୁ ଆସିଛି। ଯାହା ଫଳରେ ଅଞ୍ଚଳର ଜନ ସାଧାରଣ ଠିକ୍ ସ୍ୱାସ୍ଥ୍ୟସେବା ପାଇପାରୁ ନାହାନ୍ତି। ସମସ୍ତେ କିପରି ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେ ଉପରେ ଆଲୋଚନା ହୋଇଥିଲା। ଜି.ଉଦୟଗିରି, ଗ୍ରେସିଙ୍ଗିଆ,କଳିଙ୍ଗା, ଖାରିଆପଡ଼ା ଠାରେ ଥିବା ମେଡିକାଲରେ ଲୋକେ କିପରି ସମସ୍ତ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେ ଉପରେ ଆଲୋଚନା ହୋଇଥିଲା। କିଛି ଦିନ ମଧ୍ୟରେ ସମସ୍ତ ସମସ୍ୟା ଲିଖିତ ଦାବିପତ୍ର ଜିଲା ପ୍ରଶାସନଠୁ ଆରମ୍ଭ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ। ସମୟ ସୀମା ମଧ୍ୟରେ ଦାବି ପୂରଣ ନ ହେଲେ ବିକ୍ଷୋଭ କରାଯିବା ନେଇ କମିଟିରେ ନିଷ୍ପତ୍ତି ହୋଇଛି। ଶେଷରେ ସାମାଜିକ କର୍ମୀ ଆମନ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ସ୍ନେହା ନାୟକ ରାଇକିଆ ବ୍ଲକ୍ ଟପ୍ପର

ରାଇକିଆ,୩।୫ (ପ୍ରଦୀପ ବେହେରା)



ଦଶମ ପରୀକ୍ଷା ଫଳ ପ୍ରକାଶ ପାଇଛି। ରାଇକିଆ ବ୍ଲକ୍ ସେଣ୍ଟ କ୍ୟାଥରିନ ବାଳିକା ଉଚ୍ଚ ବିଦ୍ୟାଳୟର ସ୍ନେହା ନାୟକ ୮୩.୫ ପ୍ରତିଶତ ମାର୍କ ରଖି ବ୍ଲକ୍ ଟପ୍ପର ହୋଇଛନ୍ତି। ସେ ମୋଟ ୫୦୧ ମାର୍କ ରଖିଛନ୍ତି। ବ୍ଲକ୍‌ରେ କୌଣସି ବିଦ୍ୟାଳୟରେ ଏ-୧ରେ କେହି ପାସ୍ ହୋଇ ନ ଥିବା ବେଳେ ଏ-୨ରେ ୬ଜଣ ପାସ୍ ହୋଇଛନ୍ତି । ବ୍ଲକ୍‌ର ୧୪ଟି ବିଦ୍ୟାଳୟରୁ ୮ ଟି ବିଦ୍ୟାଳୟକୁ ଶତ ପ୍ରତିଶତ ସଫଳତା ମିଳିଛି। ସେହିପରି ରାଇକିଆ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀମାନେ କ୍ରମାଗତ ୮ ବର୍ଷ ଧରି ଶତ ପ୍ରତିଶତ ମାର୍କ ରଖି ଆସୁଛନ୍ତି। ଏହି ବିଦ୍ୟାଳୟର ୫ ଜଣ ଏ-୨ରେ ପାସ ହୋଇଛନ୍ତି।

# ବୌଦ୍ଧକୀର୍ତ୍ତିର ମୁଖଶାଳା ଉଦୟଗିରି ଅବକ୍ଷୟମୁଖୀ


ଉଦୟଗିରି ବୌଦ୍ଧ ମହାବିହାରକୁ ଥିବା ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି।


ଉଦୟଗିରି ପରିସରରେ ଥିବା ସୋଲାର ଲାଇଟ୍ ଭାଙ୍ଗିପଡ଼ିଛି।

■ ବିଶାଳ ମହାସ୍ତୂପକୁ ଖାଲଖମା ଭର୍ତ୍ତି ରାସ୍ତା
■ ବ୍ୟାଟେରି ଚୋରି, ଭୂଇଁରେ ଲୋଟୁଛି ସୋଲାର ଲାଇଟ୍

ଯାଜପୁର,୩।୫(ହର୍ଷବର୍ଦ୍ଧନ ବେହେରା)

ବୌଦ୍ଧକୀର୍ତ୍ତିର ମୁଖଶାଳା ଭାବେ ପରିଚିତ ଯାଜପୁର ଜିଲାର ଉଦୟଗିରି ଏବେ ଉପଯୁକ୍ତ ସଂରକ୍ଷଣ ଅଭାବରୁ ଅବକ୍ଷୟମୁଖୀ ହେବାରେ ଲାଗିଛି। ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରି ପାହାଡ଼ର ପରିବେଷ୍ଟନୀ ଭିତରେ ଥିବା ଏହି ବୌଦ୍ଧପୀଠ ପରିସର ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଯାଇଛି। ଉତ୍ଖନନରୁ ଆବିଷ୍କୃତ ବୌଦ୍ଧ ବଜ୍ରଯାନ ଯୁଗର ପ୍ରାଚୀନ ଦ୍ୱିତଳ ବୌଦ୍ଧବିହାର ଓ ବିଶାଳ ମହାସ୍ତୂପକୁ ଯାଇଥିବା ଏହି ରାସ୍ତାକୁ ଦେଖିଲେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରେ ନକାରାତ୍ମକ ଭାବନା ସୃଷ୍ଟି କରୁଛି। ଏହାବାଦ ନିକଟରେ ୧୧ ଲକ୍ଷ ଟଙ୍କା ଲେଖାଏ ବ୍ୟୟ କରି ନିର୍ମାଣ ହୋଇଥିବା ୧୧ଟି ସୋଲାର ଲାଇଟ୍ ମଧ୍ୟରୁ ଅନେକ ଭୂଇଁରେ ଲୋଟୁଛି ଏବଂ ଏହାର ବ୍ୟାଟେରି ଚୋରି ହୋଇଯାଇଛି।

୧୯୮୬ ଜାନୁଆରୀ ୧ରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ପକ୍ଷରୁ ଏହି ବିଖ୍ୟାତ ବୌଦ୍ଧପୀଠରେ ପ୍ରଥମ ବିଧିବଦ୍ଧ ଉତ୍ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଖନନରୁ ଏକ ବିଶାଳ ବୌଦ୍ଧ ମହାସ୍ତୂପ, ବିଶ୍ୱ ପ୍ରସିଦ୍ଧ ମାଧବପୁର ମହାବିହାର ଏବଂ ପରବର୍ତ୍ତୀ ଖନନକାଳରେ ଆବିଷ୍କୃତ ହୋଇଥିଲା ଦ୍ୱିତଳ ବିଶିଷ୍ଟ ସିଂହପ୍ରସ୍ଥ ବୌଦ୍ଧ ମହାବିହାର। ଏହାବାଦ୍ ୧୯୯୬-୯୭ ଖନନକାଳରେ ମିଳିଥିବା ସିଂହପ୍ରସ୍ଥ ମହାବିହାର ଥିଲା ପଞ୍ଚରଥ ଶୈଳୀରେ ନିର୍ମିତ ଏକ ବିଶାଳ ଓ ମନୋରମ ବୌଦ୍ଧସ୍ଥଳୀ। ଉଦୟଗିରିର ବୌଦ୍ଧ କୀର୍ତ୍ତିରାଜିଗୁଡ଼ିକ ଅଷ୍ଟମ-ନବମ ଶତାବ୍ଦୀଠାରୁ ଆରମ୍ଭ କରି ଦ୍ୱାଦଶ ଶତାବ୍ଦୀ ସମୟ ମଧ୍ୟରେ ନିର୍ମାଣ ଓ ବିକଶିତ ହୋଇଥିଲା ବୋଲି ଗବେଷକମାନେ କହିଛନ୍ତି। ଉଦୟଗିରିରୁ ଚତୁଃପାର୍ଶ୍ୱ ପଥର ଆଚ୍ଛାଦିତ ବୌଦ୍ଧଯୁଗୀୟ ପ୍ରସ୍ତରକଟା ପ୍ରାଚୀନ କୂପ ଆବିଷ୍କୃତ ହୋଇଛି। ଏଠାରୁ ଖନନ କାଳରେ ବହୁ ବିରଳ ବୌଦ୍ଧ ବିଗ୍ରହ ମିଳିଥିଲା। ଏଠାରେ ୫ଟି ବୌଦ୍ଧବିହାର ସମେତ ଜଟାମୁକୁଟ, ଲୋକେଶ୍ୱର, ଅମିତାଭ, ଅକସୋଭ୍ୟ, ମଞ୍ଜୁଶ୍ରୀ, ରତ୍ନସମ୍ଭବ, ପଦ୍ମପାଣି, ଅବଲୋକିତେଶ୍ୱର ଇତ୍ୟାଦି ବୌଦ୍ଧମୂର୍ତ୍ତି ଉତ୍ଖନନ ହୋଇଛି। ଉଦୟଗିରିର ଶ୍ରୀ ମାଧବପୁର ମହାବିହାର ଭଗବାନ ବୁଦ୍ଧ ଜନ୍ମ ନେବାର ପ୍ରାୟ ୧୨୦୦ ବର୍ଷ ପରେ ବିକଶିତ ହୋଇଥିଲା ବୋଲି ଐତିହାସିକଙ୍କ ମତ। ସିଂହପ୍ରସ୍ଥ ମହାବିହାର ଓ ମହାକାଳ ମନ୍ଦିର ସାମ୍ନାରେ ଗଢ଼ିଉଠିଥିବା ଏହି ମନୋରମ ଚୈତ୍ୟ ମଣ୍ଡଳ ପୂର୍ବ ଭାରତର ବୌଦ୍ଧକ୍ଷେତ୍ର ମଧ୍ୟରେ ଏକ ଅନନ୍ୟ କୀର୍ତ୍ତିରାଜି ହୋଇଥିଲେ ମଧ୍ୟ ଏହାକୁ ଅଣଦେଖା କରିବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଉଛି। ରାଜ୍ୟର ଏହି ପ୍ରମୁଖ ବୌଦ୍ଧ ବିହାରରୁ ଅତୀତରେ ୩ ଥର ବୌଦ୍ଧ ବିଗ୍ରହ ଚୋରି ହେବା ସହିତ ମାଧବପୁର ମହାବିହାରର ମୁଖ୍ୟ ଉପାସନା ପ୍ରକୋଷ୍ଠରେ ଥିବା ଏକ ମନୋରମ ବୌଦ୍ଧ ସ୍ଥାପତ୍ୟର ମସ୍ତକ ମଧ୍ୟ କାଟି ନିଆଯାଇଥିଲା। ଏବେ ଯେଉଁ ପଥରମୂର୍ତ୍ତିଗୁଡ଼ିକ ବଳକା ରହିଛି, ସେଗୁଡ଼ିକ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଛି। ଉତ୍ଖନନ ପରେ ଯେଉଁ ସ୍ତୂପଗୁଡ଼ିକ ବାହାରିଛି, ସେଥିମଧ୍ୟରୁ ସମ୍ମୁଖରେ ୭ଟି ମାତ୍ର ପରିଲକ୍ଷିତ ହୁଏ। ସିଂହପ୍ରସ୍ତ ମହାବିହାର ଆର୍ଯ୍ୟଭିକ୍ଷୁ ସଂଘ ବୌଦ୍ଧ ବିହାର ରକ୍ଷଣାବେକ୍ଷଣ ଅଭାବରୁ ଅସୁରକ୍ଷିତ ଅବସ୍ଥାରେ ପଡ଼ିରହିଛି। ଏଠାରେ ଭୂମିସ୍ପର୍ଶ ଅବସ୍ଥାରେ ୧୦ ଫୁଟ ଉଚ୍ଚ ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଅକ୍ଷତ ଅବସ୍ଥାରେ ଥିଲେ ମଧ୍ୟ ତା'ର ଉପରିଭାଗକୁ ଛାତ କରାଯାଇ ସୁରକ୍ଷିତ ରଖାଯିବାର ଆବଶ୍ୟକତା ରହିଛି। ଉଦ୍ଧାର କରାଯାଇଥିବା ମୂର୍ତ୍ତିଗୁଡ଼ିକ ମଧ୍ୟରୁ ଧ୍ୟାନୀ ବୁଦ୍ଧ, ଚକ୍ରପାଣି ବୁଦ୍ଧ, ଅପରାଜିତା, ଧର୍ମଚକ୍ର ପ୍ରବର୍ତ୍ତକ ବୁଦ୍ଧ, ଅବଲୋକିତେଶ୍ୱର ପରିଦୃଶ୍ୟ ହେଉଛି, ଯେଉଁଗୁଡ଼ିକ ଅସୁରକ୍ଷିତ ହୋଇ ରହିଛି। ବହୁ ପ୍ରାଚୀନ ଉଦୟଗିରି ମୁଖ୍ୟତଃ ବଜ୍ରଜାନପୀଠ ଥିଲା ବୋଲି ଇତିହାସରୁ ଜଣାପଡ଼େ। ତେଣୁ ଏଠାରୁ ବଜ୍ରଜାନଙ୍କ ଦ୍ୱାରା ପ୍ରଣୀତ ଜ୍ଞାନସିଦ୍ଧିର ତତ୍ତ୍ୱ ସୁଦୂର ଜାଭା, ବର୍ମା, ସିଂହଳ, କାମ୍ବୋଡିଆ ଓ ଲାଓସ୍‌ରେ ପ୍ରସାର ଘଟିଥିଲା। ଏବେ ସେହି ଦେଶରୁ ଆସୁଥିବା ପର୍ଯ୍ୟଟକମାନେ ଏଠାରେ ତାଙ୍କ ବିପର୍ଯ୍ୟସ୍ତ ଇତିହାସକୁ ଦେଖି ନାନା ଆଲୋଚନା କରୁଛନ୍ତି, ଯାହାକି ରାଜ୍ୟର ଗର୍ବ, ଅସ୍ମିତା ଓ ସ୍ୱାଭିମାନ କ୍ଷୁଣ୍ଣ ହେଉଥିବା ମନେହେଉଛି। ଆହୁରି ମଧ୍ୟ କୁହାଯାଏ ଯେ, ଇନ୍ଦ୍ରଭୂତିଙ୍କ ପାଳିତ ପୁତ୍ର ପଦ୍ମସମ୍ଭବ ଯାଜପୁର ନିକଟସ୍ଥ ଷେଳମପୁରଠାରେ ଥିବା ବିହାରରେ ସିଦ୍ଧିଲାଭ କଲାପରେ ଗୁହ୍ୟ ସମାଜ ତନ୍ତ୍ର ବିଷୟରେ ଜ୍ଞାନଲାଭ ପାଇଁ ଉଦୟଗିରିରେ ସାଧନାରତ ଥିଲେ। କିଛିଦିନ ପରେ ସେ ତିବ୍ବତ ଯାଇ ସେଠାରେ ବୌଦ୍ଧବିହାର ନିର୍ମାଣ କରି ବୌଦ୍ଧଧର୍ମ ପ୍ରଚାର କରିଥିଲେ। ସ୍ଥାନୀୟ ବ୍ୟକ୍ତିମାନଙ୍କଠାରୁ ଶୁଣାଯାଏ, ଇଂରେଜ ଶାସନ ଅମଳରୁ ଉଦୟଗିରିରୁ ବହୁ ପ୍ରତ୍ନତତ୍ତ୍ୱ ସ୍ଥାପତ୍ୟ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ପ୍ରସ୍ତରକଟା ଅତିକାୟ କୂଅ ଭିତରେ ଥିବା ଖୋଦେଇ ଲେଖାକୁ ନେଇ ସେପରି ଗବେଷଣା ହୋଇ ନାହିଁ। ଉଦୟଗିରି ନିକଟରେ ବୁଦ୍ଧଦେବ ମାଧ୍ୟମିକ ବିଦ୍ୟାଳୟ ଅବସ୍ଥିତ। ପାହାଡ ତଳ ଦେଶରେ ଶୋଭନୀୟ ଶିକ୍ଷାଶ୍ରମ ରହିଛି, ଯାହା ସେହି କ୍ଷେତ୍ରକୁ ଆହୁରି ଋଦ୍ଧିମନ୍ତ କରିଛି। ଉଦୟଗିରି ପାହାଡ଼ର ତଳଦେଶରେ ପାନ୍ଥଶାଳା, ପାନୀୟ ଜଳ, ସୁରକ୍ଷା ଆଦି ବ୍ୟବସ୍ଥା କରିବାକୁ ପର୍ଯ୍ୟଟକଙ୍କ ମଧ୍ୟରେ ଦାବି ହେଉଛି।

## ହୋଟେଲ, ଜଳଖିଆ ଦୋକାନରେ ଚଢ଼ାଉ

ଚଣ୍ଡିଖୋଲ,୩।୫ (ପ୍ରଦୀପ୍ତ କୁମାର ପୃଷ୍ଟି):


ଚଢ଼ାଉରେ ସାମିଲ ହୋଇଥିବା ଅଧିକାରୀମାନେ।

ବଡ଼ଚଣା ବ୍ଲକ ପ୍ରଶାସନ ପକ୍ଷରୁ ଚଣ୍ଡିଖୋଲ ଛକ ବଜାରର ବିଭିନ୍ନ ହୋଟେଲ ଓ ଜଳଖିଆ ଦୋକାନ ଉପରେ ଶନିବାର ରାତିରେ ଚଢ଼ାଉ କରାଯାଇଛି। ଦଶରଥପୁରରେ ଦହିବରା ଖାଇ ଲୋକେ ଅସୁସ୍ଥ ହେବା ପରେ ଯାଜପୁର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢ଼ାଉ ଆରମ୍ଭ ହୋଇଛି। ଗ୍ରାହକଙ୍କୁ ଗୁଣବତ୍ତା ଖାଦ୍ୟ ଦିଆ ଯାଉଛିକି ନାହିଁ ଏନେଇ ତଦନ୍ତ କରାଯାଇଛି। ତେବେ ଏହି ଚଢ଼ାଉ ସମୟରେ ଚଣ୍ଡିଖୋଲ ଛକରେ ଥିବା ହୋଟେଲ ମିଡିଇଷ୍ଟ ଓ ସହଦେବ ସାହୁ ହୋଟେଲରେ ବହୁ ବାସୀଖାଦ୍ୟ ଜବତ କରାଯାଇ ନଷ୍ଟ କରାଯାଇଛି। ଗ୍ରାହକଙ୍କୁ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଇ ଦେବାକୁ ଅଧିକାରୀମାନେ ବ୍ୟବସାୟୀଙ୍କୁ ପରାମର୍ଶ ଦେଇଛନ୍ତି। ଆଗାମୀ ଦିନରେ ଗ୍ରାହକଙ୍କୁ ଯଦି କୌଣସି ହୋଟେଲ ଓ ଜଳଖିଆ ଦୋକାନ ପକ୍ଷରୁ ଅସ୍ୱାସ୍ଥ୍ୟକର ତଥା ବାସୀଖାଦ୍ୟ ଦିଆଯିବ ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଓ ବଡ଼ଚଣା ଥାନାଧିକାରୀ ଜଗଦୀଶ କରଙ୍କ ନେତୃତ୍ୱରେ ଏହି ଚଢ଼ାଉରେ ବହୁ କର୍ମଚାରୀ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଖୁବ୍‌ଶୀଘ୍ର ଚଣ୍ଡିଖୋଲ ଛକରେ ପୁନଃ ଚଢ଼ାଉ କରାଯାଇ ଖାଦ୍ୟର ମାନ ଯାଞ୍ଚ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

## କୃତୀ ମାଟ୍ରିକ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

ବରୀ,୩।୫(ମହେନ୍ଦ୍ର ସ୍ୱାଇଁ):

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ବରୀ ଶିକ୍ଷା ମଣ୍ଡଳ ଅଧୀନରେ ୩ଜଣ ଛାତ୍ରୀ ଓ ଜଣେ ଛାତ୍ର ଏ-ୱାନ ଗ୍ରେଡ୍ ପାଇଛନ୍ତି। ସେମାନଙ୍କୁ ରବିବାର ବରୀ ଜଳସମ୍ପଦ ବିଭାଗ ଡାକ ବଙ୍ଗଳାଠାରେ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ସିଲ ସହିତ ନିଜ ଦରମାରୁ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଏହି କୃତୀ ଛାତ୍ରୀଛାତ୍ର ପ୍ରେରଣାର ଉତ୍ସ ହୋଇ ରହିବେ। ଏଥିସହିତ ବରୀ ଅଞ୍ଚଳର ଛାତ୍ରୀଛାତ୍ର ଶୀର୍ଷସ୍ଥାନରେ ଯେଭଳି ପହଞ୍ଚି ପାରିବେ ସେ କ୍ଷେତ୍ରରେ ଉଦ୍ୟମ ଜାରି ରଖିବାକୁ ବିଧାୟକ ପରାମର୍ଶ ଦେଇଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ଛାତ୍ରୀଛାତ୍ରଙ୍କ ଅଭିଭାବକ, ବ୍ଲକ୍ ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, କେଦାର ସାମଲ, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ଜିଲା ପରିଷଦ ସଭ୍ୟ ଦିଲୀପ ମହାନ୍ତି, ସନ୍ତୋଷ ସାମଲ, ପୂର୍ବତନ ସରପଞ୍ଚ ବିଜୟ ସାହାଣୀ, ଭକ୍ତବନ୍ଧୁ ନାୟକ ଓ ଭରତ ସେଠୀ ପ୍ରମୁଖ ଉପସ୍ଥିତଥିଲେ।


ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ସହ ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀଛାତ୍ର।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସରିତା


@ ସୀତାଂଶୁ


@ ଶିବ


@ ଇନ୍ୟା


@ ଅବିନାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବୌଦ୍ଧଧର୍ମ ଏକ ଗଣଧର୍ମ

### ବୁଦ୍ଧ ସାଂସ୍କୃତିକ ପରିଷଦ ପକ୍ଷରୁ ବୁଦ୍ଧ ଜୟନ୍ତୀ

ଧର୍ମଶାଳା,୩।୫(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋଟପୁର ପଞ୍ଚାୟତ ବଜ୍ରଗିରି ମହାବିଦ୍ୟାଳୟ ପରିସରରେ ବୁଦ୍ଧ ସାଂସ୍କୃତିକ ପରିଷଦ ପକ୍ଷରୁ ତଥାଗତ ବୁଦ୍ଧଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗବେଷକ ରବୀନ୍ଦ୍ର ବିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ବୌଦ୍ଧଧର୍ମ ଏକ ଗଣଧର୍ମ। ଏହା ସାମାଜିକ, ସାଂସ୍କୃତିକ ଓ ଐତିହାସିକ ପୃଷ୍ଠଭୂମି ଉପରେ ନିର୍ମିତ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଅର୍ଜ୍ଜୁନ ମଲ୍ଲିକ ଯୋଗଦେଇ ଉତ୍କଳର ବଣିକ ତପସୁ ଓ ଭଲ୍ଲୁକ ଥିଲେ ବୁଦ୍ଧଙ୍କ ପ୍ରଥମ ଏବଂ ପ୍ରିୟ ଶିଷ୍ୟ। ବଜ୍ରଯାନ ବିହାର ହେଉଛି ବଜ୍ରଗିରି। ଏହି ସ୍ଥାନରୁ ବଜ୍ରଯାନର ସ୍ୱର ବିଶ୍ୱକୁ ପ୍ରତିଧ୍ୱନି ହୋଇଥିଲାବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଜୟ କୁମାର ପଣ୍ଡା ଯୋଗଦେଇଥିଲେ।

ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ବଜ୍ରଗିରି'କୁ ଅତିଥି ଉନ୍ମୋଚନ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଞ୍ଜନ ମହାନ୍ତି, ରଶ୍ମିରଞ୍ଜନ ରାୟ, ରବୀନ୍ଦ୍ର କୁମାର ଦାସ, ସରପଞ୍ଚ ରାଜେନ୍ଦ୍ର କୁମାର ସାହୁ ଓ ସନ୍ତୋଷ କୁମାର ମିଶ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଷ୍ଠାତା ତଥା ସମ୍ପାଦକ ଲକ୍ଷ୍ମଣ ରାଉତ ସଂପାଦକୀୟ ବିବରଣୀ ପାଠ କରିଥିଲେ। ବ୍ରହ୍ମବରଦା ଡିଗ୍ରୀ କଲେଜ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ ଅତିଥି ପରିଚୟ ପ୍ରଦାନକରିଥିବା ବେଳେ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। କବି ପ୍ରେମଲତା ମହାରଣା ଗୀତା ଆବୃତ୍ତି କରିଥିଲେ। ଏହି ସମାରୋହରେ ଗୋକର୍ଣ୍ଣିକା ସଭାପତି ରମାକାନ୍ତ ଜେନା, ପ୍ରଶାନ୍ତ କୁମାର ସ୍ୱାଇଁ, ଖବରଦାତା ଅଖିଳ ସ୍ୱାଇଁ, ବିବେକାନନ୍ଦ ରାୟ, ଏକାଦଶୀ ସେଠୀ, ବିକ୍ରମ କେଶରୀ ମହାନ୍ତି, ବିନୋଦ ବିହାରୀ ସାହୁ, ଆଦିତ୍ୟ ମାହୁନ୍ତ, ଶିକ୍ଷକ ଗଣେଶ୍ୱର ବେହେରା ବନମାଳୀ ରାଉତ, ସରୋଜିନୀ ପଣ୍ଡା, କାଦମ୍ବିନୀ ମିଶ୍ର ପ୍ରମୁଖ ବୁଦ୍ଧଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଅସୀମ ନାୟକ ଧନ୍ୟବାଦ ଦେଇଥିଲେ।


ବୃଦ୍ଧ ଜୟନ୍ତୀ ସମାରୋହରେ ଯୋଗ ଦେଇଥିବା ଅତିଥିମାନେ।

## କିଛି ଅଞ୍ଚଳରେ ବିଦ୍ୟୁତ୍‌ସେବା ସ୍ୱାଭାବିକ

### ଧର୍ମଶାଳା ଅଞ୍ଚଳରେ କାଳବୈଶାଖୀ

ଧର୍ମଶାଳା,୩।୫(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ଶନିବାର ଅପରାହ୍ନ ୪ଟା ଓ ରାତି ୮ଟାରେ କାଳବୈଶାଖୀ ହୋଇଛି। ଏହାର ପ୍ରଭାବରେ ବର୍ଷା, ପବନ ହୋଇଛି। ମାତ୍ର ୩୦ ମିନିଟ୍ ଝଡ଼ ତୋଫାନରେ ବଡ଼ବଡ଼ ଗଛର ଡାଳ ଭାଙ୍ଗି ଯାଇଥିବାବେଳେ ବହୁ ଗଛ ଉପୁଡ଼ିଯାଇଛି। ଗଛ ଶୋଇ ଯାଇଥିବାରୁ ଶାନ୍ତିବଜାର- କାଏମା ରାସ୍ତା ସମେତ ଏକାଧିକ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଗଛ ଭାଙ୍ଗି ବିଦ୍ୟୁତ୍ ଖୁଣ୍ଟ ଓ ତାର ଉପରେ ପଡ଼ିଥିବାରୁ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ମରାମତି ପରେ କିଛି ଅଞ୍ଚଳରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଛି।

ସ୍ଥାନୀୟ ଲୋକେ ଓ ଦମକଳ ବାହିନୀ ଆସି ରାସ୍ତାରେ ପଡ଼ିଥିବା ଗଛ କାଟି ସଫା କରିଥିଲେ। ଜାରକା ବୁଦ୍ଧ ଛକ ନିକଟରେ ଏକ ହାଇୱା ଉପରେ ଗଛ ଭାଙ୍ଗି ପଡ଼ିବାରୁ ଗାଡ଼ି ଭାଙ୍ଗିରୁଜି ଯାଇଛି। ସେହିପରି ଶାନ୍ତିବଜାରରେ ଲାଗିଥିବା ଏକ ଘରୋଇ ସ୍କୁଲର ତୋରଣ ଭାଙ୍ଗି ରାସ୍ତା ଉପରେ ପଡ଼ିଛି। ଫଳରେ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଛି। ଜାରକା ପଞ୍ଚାୟତ ଉତ୍ତର ଶାସନ ଗ୍ରାମର ଶଶୀ ବିଶ୍ୱାଳଙ୍କ ଘର ଉପରେ ଏକ ବଡ଼ ଗଛ ଉପୁଡ଼ି ପଡ଼ିବାରୁ ଘର କ୍ଷତିଗ୍ରସ୍ତ ହୋଇଛି। ଅନେକ କଚା ଘର ଛଣଛପର ଉଡ଼ିଯାଇଛି।

ସେହିପରି ଆଦିବାସୀ ଗ୍ରାମ ଜାଲସୁଖାରେ ଅନେକ ଚାଳ ଘର କ୍ଷତିଗ୍ରସ୍ତ ହୋଇଛି। ପରିବା ଓ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ଜାରକା ପୋଲିସ୍ ବିଟ୍ ହାଉସ୍ ନିକଟରେ ୧୬ନମ୍ବର ଜାତୀୟ ରାଜପଥର ଡ୍ରେନ୍ ଭାଙ୍ଗି ଯାଇଥିବାରୁ ବର୍ଷା ପାଣି ନିଷ୍କାସନ ହୋଇ ପାରି ନ ଥିଲା। ଫଳରେ ଜାରକା ଗଳିପୋଲ ନିକଟରୁ ଓଭରବ୍ରିଜ୍ ପର୍ଯ୍ୟନ୍ତ ଆଣ୍ଠୁଏ ଉଚ୍ଚର ବର୍ଷାପାଣି ଲହଡ଼ି ଭାଙ୍ଗିଥିଲା। ଖାଲଖମା ରାସ୍ତାରେ ଯାତାୟାତ ପାଇଁ ସମସ୍ୟା ହେଉଛି। ବିଶେଷ କରି ବର୍ଷାପବନରେ ଜହ୍ନି, ଭେଣ୍ଡି, କାକୁଡ଼ି, ବାଇଗଣ, ପୋଟଳ, ଟମାଟୋ, କଲରା ଆଦି ପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ଅମଳ ସମୟରେ ଅଦିନିଆ ବର୍ଷାପବନ ହେବାରୁ ଖରାଦିନିଆ ଧାନ ଗଛ ଶୋଇଯାଇଛି। ଚଳିତବର୍ଷ ଆମ୍ବ ଗଛରେ ଭଲ ଫଳ ହୋଇଥିଲା। ପବନ ଅଧିକ ବହିବାରୁ ଅଧିକାଂଶ ଆମ୍ବ ଝଡ଼ି ପଡ଼ିଛି। ରବିବାର ଥିବାରୁ ତହସିଲ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇନାହିଁ। କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।


ଗଛଭାଙ୍ଗି ରାସ୍ତା ଅବରୋଧ ହୋଇଛି।

# ଅନୁଦାନ ସତ୍ତ୍ୱେ ସୁଦୃଢ଼ ହେଉନି ନଦୀବନ୍ଧ

**କେନ୍ଦ୍ରାପଡ଼ା, ୩ା୫(ଜଗନ୍ନାଥ ଧଳ)**



ବିପର୍ଯ୍ୟସ୍ତ ଅବସ୍ଥାରେ ରହିଥିବା ଲୁଣା ନଦୀବନ୍ଧ।

■ ପ୍ରତିବର୍ଷ ୫୫ ପଞ୍ଚାୟତରେ ପଶୁଛି ବନ୍ୟାଜଳ
■ ଅଧିକ ପ୍ରଭାବିତ ହେଉଛି ରାଜକନିକା ଓ ଆଳି ବ୍ଲକ ଅଞ୍ଚଳ

ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ପ୍ରଣୟନ ସହ ଅନୁଦାନ ଯୋଗାଉଛନ୍ତି। ମାତ୍ର ଏହି ଅନୁଦାନ କେନ୍ଦ୍ରାପଡ଼ା ଜିଲାରେ ପ୍ରଭାବ ପକାଉନାହିଁ। ପ୍ରତିବର୍ଷ ଜିଲାର ୫୫ ପଞ୍ଚାୟତରେ ବନ୍ୟା ଜଳ ପଶୁଛି। ରାଜକନିକା, ଆଳି ଓ ଗରଦପୁର ବ୍ଲକ ଅଞ୍ଚଳର ସର୍ବାଧିକ କ୍ଷତି ହେଉଛି। ନଦୀବନ୍ଧ ସୁଦୃଢ଼ ନ ଥିବାରୁ ଆଳି ବ୍ଲକର ୧୬ ପଞ୍ଚାୟତ, ପଟ୍ଟାମୁଣ୍ଡାଇର ୧୪, ରାଜନଗରର ୪, ମାର୍ଶାଘାଇର ୯, ଡେରାବିଶର ୨, ମହାକାଳପଡାର ୯ ଓ ଗରଦପୁର ବ୍ଲକ ଅଞ୍ଚଳରେ ବନ୍ୟା ଜଳ ମାଡିଯାଉଛି। ଏ ସମ୍ପର୍କରେ ସାମାଜିକ କର୍ମୀ ବାନାମ୍ବର ସାହୁ କୁହନ୍ତି, ଜିଲାରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ବ୍ୟବସ୍ଥା ଏକ ବଡ଼ ସମସ୍ୟା ହୋଇଛି। ଜିଲାରେ ୭ ନଦୀ ଓ ୨୭ ଶାଖା ନାଳ ଅଛି। ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ୭ ନଦୀରେ ସାମାନ୍ୟ ଅଧିକ ପାଣି ଜିଲାର ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ନଦୀବନ୍ଧର ସୁଦୃଢ଼ୀକରଣ ସହିତ ନିଷ୍କାସନ ପଥ ବର୍ଷାଋତୁ ପୂର୍ବରୁ ସଫା ରଖିବା ଆବଶ୍ୟକ। ଇତିମଧ୍ୟରେ କେନ୍ଦ୍ରାପଡା ଜିଲା ମାନ୍ୟତାକୁ ୩୩ ବର୍ଷ ବିତିଛି। ବନ୍ୟା ଜଳ ନିଷ୍କାସନ ପାଇଁ ଅଦ୍ୟାବଧି କୌଣସି ଯୋଜନା କାର୍ଯ୍ୟକାରୀ ହୋଇ ନ ଥିବା ସେ କହିଛନ୍ତି। ମହାକାଳପଡାର ସୂର୍ଯ୍ୟପ୍ରକାଶ ପାଣି କହିଛନ୍ତି, ଏହି ଜିଲା ପ୍ରାକୃତିକ ବିପର୍ଯ୍ୟୟପ୍ରବଣ। ବର୍ଷା ଅଧିକ ହେଲେ ଜିଲାର ୧୬୦ ଗ୍ରାମରେ ବନ୍ୟାଜଳ ପ୍ରବେଶ କରୁଛି। ବିଶେଷଭାବେ ରାଜକନିକା ଓ ଆଳି ବ୍ଲକ ଅଞ୍ଚଳର ସର୍ବାଧିକ ୫୫ ଗାଁ ବନ୍ୟା ଯୋଗୁ ପ୍ରଭାବିତ ହେଉଛନ୍ତି। ସେହିପରି ରାଜନଗରର ୩୪ ଗାଁ, ପଟ୍ଟାମୁଣ୍ଡାଇର ୨୫ଗାଁ ବନ୍ୟା ଘେରରେ ରହୁଛି। ମହାକାଳପଡା, ମାର୍ଶାଘାଇ, ଡେରାବିଶ, ଗରଦପୁର ବ୍ଲକ ଅଞ୍ଚଳର କେତେକ ଗ୍ରାମ ପ୍ରଭାବିତ ହେଉଛି। ଅତ୍ୟଧିକ ବନ୍ୟା ଆସିଲେ ଗରଦପୁର ବ୍ଲକ ଅଞ୍ଚଳର ୫ ଗାଁର ଜନଜୀବନକୁ ବ୍ୟତିବ୍ୟସ୍ତ କରୁଛି। ଚାଷ ଉଜୁଡିବା ସହ ଅନେକ ପ୍ରାକୃତିକ ସମ୍ପଦ ନଷ୍ଟ ହେଉଛି। ନଦୀ ଶଯ୍ୟା ଖନନ, ବନ୍ଧବାଡର ମରାମତି ସହ ନୂତନ ବନ୍ଧର ଆବଶ୍ୟକତା ଅଛି। ସାମାଜିକ କର୍ମୀ ବିଭୂତିଭୂଷଣ ରାଉତ କହିଛନ୍ତି, ଗୋବରୀ ନଦୀରେ ବନ୍ଧ ନାହିଁ। ଏହି ନଦୀକୂଳରେ ଘର ଓ ଗ୍ରାମ ରହିଛି। ବର୍ଷାଋତୁରେ ନଦୀରୁ ପାଣି ଉଛୁଳି ଘରେ ପଶୁଛି। କୁମ୍ଭୀର ଭୟ ଥିବାରୁ ଗ୍ରାମବାସୀ ସର୍ବଦା ଭୟଭୀତ ହୋଇଥାନ୍ତି। ଏନେଇ ସ୍ଥାନୀୟ ଅଧିବାସୀ ରାଜନେତା ଓ ଜିଲା ପ୍ରଶାସନ ନିକଟରେ ବନ୍ଧ ପାଇଁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ ଏହି ସମସ୍ୟାର ସମାଧାନ ହେଉନାହିଁ। ପରିବେଶବିତ୍ ଅଧ୍ୟାପକ କ୍ଷୀତିଶ କୁମାର ସିଂହ କହିଛନ୍ତି, ସମସ୍ୟାର ସମାଧାନ ପାଇଁ ନଦୀ ସଂଯୋଗୀକରଣକୁ ଜିଲାବାସୀ ଅଗ୍ରାଧିକାର ଦେଇଛନ୍ତି। ନଦୀର ସୁମଧୁର ପାଣିକୁ ସମୁଦ୍ରକୁ ନିର୍ଦ୍ଦିଷ୍ଟ ମାତ୍ରାରେ ଛାଡି ଅବଶିଷ୍ଟ ଜଳକୁ ପାନୀୟ ଭାବେ ଓ କ୍ଷେତରେ ବ୍ୟବହାର କରିହେବ। ବିଭିନ୍ନ ସ୍ଥାନରେ କ୍ରିକ୍ ବନ୍ଧ ସହିତ ବନ୍ୟାକୁ ରୋକିବା ପାଇଁ ନଦୀବନ୍ଧ ବ୍ୟବସ୍ଥା କରିବାକୁ ପଡିବ। ଏଥିସହିତ କ୍ଷେତରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ଯୋଜନା ଆବଶ୍ୟକ। ରାଜନେତାଙ୍କର ଏହି ସ୍ଥାନୀୟ ସମସ୍ୟା ପ୍ରତି ଧ୍ୟାନ ରହୁ ନ ଥିବା ସେ ମତ ଦେଇଛନ୍ତି।

ଏ ନେଇ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ କହିଛନ୍ତି, ଆଗାମୀ ବର୍ଷାଋତୁରେ ନଦୀବନ୍ଧ ସୁଦୃଢ଼ତା ସମ୍ପର୍କରେ ନିକଟରେ ଏକ ସମୀକ୍ଷା ବୈଠକ ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏଥିରେ ବନ୍ୟା ସମସ୍ୟାରେ ପ୍ରଭାବିତ ହେଉଥିବା ଗ୍ରାମଗୁଡିକୁ ସୁରକ୍ଷା ଯୋଗାଇବା ପାଇଁ ଆଲୋଚନା ହୋଇଥିଲା। ବର୍ଷାଋତୁ ପୂର୍ବରୁ ନଦୀବନ୍ଧ ସୁଦୃଢ଼ୀକରଣକୁ ଏଠାରେ ଗୁରୁତ୍ୱ ଦିଆଯାଇଛି। ଆଲୋଚନା ଅନୁଯାୟୀ ନଦୀବନ୍ଧ ସୁଦୃଢ଼ୀକରଣ କରାଯାଉଥିବା ସେ କହିଛନ୍ତି।

## ଜନ ଆକ୍ରୋଶ ମହିଳା ସମାବେଶ



ଅଲେଖ ସୁନ୍ଦରୀ ପୀଠରେ ଅନୁଷ୍ଠିତ ସମାବେଶରେ ଉପସ୍ଥିତ ମହିଳାମାନେ।

**ମହାକାଳପଡ଼ା, ୩ା୫(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ନାଞ୍ଜୁରା ପଞ୍ଚାୟତ ଅଲେଖ ସୁନ୍ଦରୀ ପୀଠରେ ରବିବାର ୨୨ ନମ୍ବର ଜୋନସ୍ତରୀୟ ଭାଜପା ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ବଡକୂଳ ପଞ୍ଚାୟତ ସରପଞ୍ଚ ପ୍ରଜ୍ଞା ପାରମିତା କର ଯୋଗଦେଇଥିଲେ। ଲୋକ ସଭାରେ କଂଗ୍ରେସ ଦଳ ସହ ଇଣ୍ଡି ମେଣ୍ଟଭୁକ୍ତ ଦଳଙ୍କ ବିରୋଧ ଯୋଗୁ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ବିଲ୍ ଯେପରି କାଟ୍ ଖାଇଲା ସେଥିନେଇ ସେ ବର୍ଷିଥିଲେ। ଏ ନେଇ ଜନସାଧାରଣ ବିଶେଷ କରି ଦେଶର ମହିଳାମାନଙ୍କୁ ଅବଗତ କରିବା ପାଇଁ ଏହି ସମାବେଶର ଆୟୋଜନ ବୋଲି ସେ କହିଥିଲେ। ଆଇନଜୀବୀ ତଥା ଯୁବ ନେତା ଗୋବିନ୍ଦ ଦାସ ବକ୍ତବ୍ୟ ରଖି କହିଥିଲେ, ଦେଶ ପ୍ରଗତିରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ୨୨ ନମ୍ବର ଜୋନ ସଭାପତି ପବିତ୍ର ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ମହିଳା ସମାବେଶରେ ବହୁ ସଂଖ୍ୟାରେ ମହିଳା ଯୋଗ ଦେଇଥିଲେ।

## ଚାଉଳ ପାଇଁ ଯିବାକୁ ପଡୁଛି ୪ କି.ମି.

**ଆଳି,୩ା୫(ବନମାଳୀ ସେନାପତି)**

### ମାଗଣା ଚାଉଳକୁ ଅଟୋଭଡ଼ା ଶହେ




ମହିଳାମାନେ ଚାଉଳ ସଂଗ୍ରହ ପରେ ଅଟୋରେ ଯିବାକୁ ପ୍ରସ୍ତୁତ ହେଉଛନ୍ତି।

ଚାଉଳ ପାଇଁ ହିତାଧିକାରୀ ଗଣୁଛି ଟଙ୍କା। ଶହେ ଟଙ୍କା ଅଟୋଭଡ଼ା ଦେଲେ ଘରେ ପହଞ୍ଚୁଛି ରାଶନ ଚାଉଳ। ଚାଉଳ ପାଇଁ ଘଣ୍ଟାଘଣ୍ଟା ଧରି ଘରଠାରୁ ୪ କିଲୋମିଟର ଦୂର ଡିଲର ପଏଣ୍ଟରେ ଲାଇନ ଦେବାକୁ ପଡୁଛି। ଚାଉଳ ନେବା ନିମନ୍ତେ ଲୋକମାନେ ସମସ୍ୟାରେ ପଡୁଛନ୍ତି। ଏହାକୁ ନେଇ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଭୂଇଁପୁର ପଞ୍ଚାୟତ ଅନ୍ତର୍ଗତ ମାନପୁର ଗ୍ରାମର ଖାଉଟିମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ମାନପୁର ଗ୍ରାମରେ ୬୦୦ରୁ ଊର୍ଦ୍ଧ୍ୱ ରାଶନ କାର୍ଡ ହିତାଧିକାରୀ ଅଛନ୍ତି। ସେମାନଙ୍କୁ ଚାଉଳ ଦେବା ନିମନ୍ତେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଚୁକ୍ତିବଦ୍ଧ ହୋଇଥିବା ବେଳେ ଅନ୍ୟଜଣେ ଚାଉଳ ବଣ୍ଟନ କରିଥାନ୍ତି। ହେଲେ କୌଣସି କାରଣରୁ ୩ମାସରୁ ଊର୍ଦ୍ଧ୍ୱ ହେବ ମାନପୁର ଗ୍ରାମରେ ଚାଉଳ ବଣ୍ଟନ ଦାୟିତ୍ୱରେ ଥିବା ଡିଲର ବଣ୍ଟନ ଦାୟିତ୍ୱ ଛାଡ଼ିଦେବା ପରେ ସେମାନଙ୍କୁ ଚାଉଳ ଦେବା ନିମନ୍ତେ ଭୂଇଁପୁର ବାଲିସାହି ଡିଲରଙ୍କୁ ଦାୟିତ୍ୱ ଦିଆଯାଇଛି। ଭୂଇଁପୁର ବାଲିସାହିରେ ଥିବା ଏହି ଡିଲର ପଏଣ୍ଟ ମାନପୁର ଗ୍ରାମଠାରୁ ପ୍ରାୟ ୪ କିଲୋମିଟର ଦୂର ହେଉଥିବାରୁ ଖାଉଟିଙ୍କୁ ଚାଉଳ ନେବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସକାଳ ୬ଟାରୁ ଲାଇନ ଦେଲେ ମଧ୍ୟାହ୍ନ ୧୨ଟା ବେଳେ ଚାଉଳ ମିଳୁଛି। ଗ୍ରାମରୁ ଡିଲର ପଏଣ୍ଟ ଦୂର ହେଉଥିବାରୁ ଅଟୋଭଡ଼ା କରି ଚାଉଳ ଆଣିବାକୁ ପଡୁଛି। ଅଟୋରେ ଜଣେ ହିତାଧିକାରୀ ପିଛା ୧୦୦ ଟଙ୍କା ଦେବାକୁ ପଡୁଛି। ଘଣ୍ଟାଘଣ୍ଟା ଧରି ଚାଉଳ ନେବା ନିମନ୍ତେ ଅନେକ ବୟସ୍କ ବ୍ୟକ୍ତି ଅପେକ୍ଷା କରୁଥିବା ବେଳେ ଚାଉଳ ନ ପାଇ ଅସୁବିଧା ଭୋଗୁଛନ୍ତି। ଏ ନେଇ ଆଳି ବ୍ଲକକୁ ଅଭିଯୋଗ କରିବାକୁ ଆସିଲେ ଯୋଗାଣ ଅଧିକାରୀ ଅନୁପସ୍ଥିତ ରହୁଥିବାରୁ ସେମାନେ ଅଭିଯୋଗ ମଧ୍ୟ କରି ପାରୁନାହାନ୍ତି। ଏ ନେଇ ହିତାଧିକାରୀମାନେ କହିଛନ୍ତି, ଭୂଇଁପୁରରୁ ସବୁ ମାସ ଚାଉଳ ନେବା ସେମାନଙ୍କ ପାଇଁ ସମ୍ଭବ ନୁହେଁ। ତେଣୁ ପୂର୍ବରୁ ମାନପୁର ଗ୍ରାମରେ ଯେଉଁଭଳି ଭାବେ ଚାଉଳ ମିଳୁଥିଲା, ସେହି ବ୍ୟବସ୍ଥା କରାଯାଉ ବୋଲି ହିତାଧିକାରୀମାନେ ଦାବି କରିଛନ୍ତି। ଏ ନେଇ ଆଳି ବିଡିଓ ଓ ଯୋଗାଣ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସରିତା



@ ସୀତାଂଶୁ



@ ଶିବ



@ କନ୍ୟା



@ ଅବିନାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବ୍ଲକ ଟପ୍ପର ସ୍ମିତମ୍ ସାନୋଲିକା ସମ୍ବର୍ଦ୍ଧିତ




ସ୍ମିତମ୍ ସାନୋଲିକା ପାଣିଙ୍କୁ ପଞ୍ଚାୟତ ନାଗମଣି ହାଇସ୍କୁଲରେ ସମ୍ବର୍ଦ୍ଧିତ କରାଯାଉଛି।

**ପାଟକୁରା,୩ା୫(ରବୀନ୍ଦ୍ର ନାଥ ବାରିକ)**

ଚଳିତ ମାଟ୍ରିକ୍ ପରୀକ୍ଷାରେ ୫୬୧ ନମ୍ବର ରଖି ଗ୍ରେଡ୍ ଏ-୧ରେ ଉତ୍ତୀର୍ଣ୍ଣ ହୋଇ ଗରଦପୁର ବ୍ଲକର ଟପ୍ପର ତଥା କେନ୍ଦ୍ରାପଡ଼ା ଜିଲାରେ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି ସ୍ମିତମ୍ ସାନୋଲିକା ପାଣି। ରବିବାର ତାଙ୍କୁ ନିଜ ବିଦ୍ୟାଳୟ ହରିଦାସପୁର ପଞ୍ଚାୟତ ନାଗମଣି ହାଇସ୍କୁଲରେ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନଶିକ୍ଷକ ଦେବେନ୍ଦ୍ର ନାଥ ପଣ୍ଡା, ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟମାନେ ସ୍ମିତମ୍‌ଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଗରଦପୁର ଗ୍ରାମର ରଶ୍ମିପ୍ରଭା ଦାଶ ଓ ଅନିଲ ପାଣିଙ୍କ ଝିଅ ସାନୋଲିକାଙ୍କ ଉଦ୍ଦେଶ୍ୟରେ ଏହି ଅବସରରେ ପରୀକ୍ଷା ଫଳାଫଳକୁ ନେଇ ପରିଚାଳନା କମିଟିର ବୈଠକ ବସିଥିଲା । ଏଥିରେ ଚଳିତବର୍ଷ ଦଶମ ବୋର୍ଡ ପରୀକ୍ଷା ଦେଇଥିବା ସମସ୍ତ ୩୪ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବାରୁ ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପରିଚାଳନା କମିଟି ଧନ୍ୟବାଦ ଜଣାଇଥିଲା। ସମ୍ବର୍ଦ୍ଧନା ସଭାରେ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତି, ସୁରେଶ ଚନ୍ଦ୍ର ପାଣି, ନିୟତି ପ୍ରଧାନ, ବଟକୃଷ୍ଣ ଖୁଣ୍ଟିଆ, ଯୋଗେନ୍ଦ୍ର ନାଥ ବେହେରା, ଦାମୋଦର ପ୍ରଧାନ, ପ୍ରଶାନ୍ତ କୁମାର ପରିଡ଼ା ଓ ଯୋଗେନ୍ଦ୍ର ନାଥ ସାହୁ ଉପସ୍ଥିତ ଥିଲେ ।

## ଐତିହାସିକ ପ୍ରତାପ ରାୟଙ୍କ ପୁଣ୍ୟତିଥି ପାଳିତ

**କେନ୍ଦ୍ରାପଡ଼ା,୩ା୫(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସହର ଗରାପୁରସ୍ଥ ଶ୍ରୀଗୋପାଳଜୀଉ ମନ୍ଦିର ପରିସରରେ ଐତିହାସିକ ପ୍ରତାପ ରାୟଙ୍କ ପୁଣ୍ୟତିଥି ପାଳନ ହୋଇଯାଇଛି। ବୁଦ୍ଧିଜୀବୀ ସୁଦର୍ଶନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଣ୍ଡିତ ହୃଷୀକେଶ ରଥ, ହରେକୃଷ୍ଣ ପତି, ସାହିତ୍ୟିକ ଦୀନବନ୍ଧୁ ସାହୁ, ଶିକ୍ଷାବିତ୍ ଦୀପକ ଓଝା, ଶାନ୍ତନୁ କୁମାର ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ରାୟଙ୍କ ସ୍ମୃତିଚାରଣ କରିଥିଲେ। ସେମାନେ କହିଥିଲେ, ପ୍ରଶାସନିକ ଅଧିକାରୀଭାବେ ଓଡ଼ିଶା ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବଭାବେ ସ୍ୱର୍ଗତ ରାୟ କାର୍ଯ୍ୟ କରିଥିଲେ। ଏହି ଅବସରରେ ୧୯୩୬ରୁ ୧୯୮୫ ମସିହା ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ଭୌଗୋଳିକ ଅଭିଧାନ ପ୍ରସ୍ତୁତି ସହ ପ୍ରକାଶନ ଦାୟିତ୍ୱରେ ଥିଲେ। ୧୯୯୪ରେ ଅବସର ଗ୍ରହଣ ପରେ କେନ୍ଦ୍ରାପଡ଼ା ଜିଲାର ଭୂଗୋଳ ଓ ଇତିହାସକୁ ଗୁରୁତ୍ୱ ଦେଇଥିଲେ। ତାଙ୍କ ରଚିତ ୩ ଖଣ୍ଡରେ ବିଭକ୍ତ କେନ୍ଦ୍ରାପଡ଼ା ଜିଲା ଇତିହାସରେ ବହୁ ପୁରୁଣା ତଥ୍ୟ ସହ ମାନଚିତ୍ର, ଡାକଟିକଟ ଆଦି ସଂଲଗ୍ନ କରିଛନ୍ତି। ପଟ୍ଟାମୁଣ୍ଡାଇ କଲେଜ ପ୍ରତିଷ୍ଠାରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ। ଏଥିସହ ଜଣେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ବିଶେଷଜ୍ଞ ଭାବେ ସର୍ବଦା ମନେରହିବେ ବୋଲି ସେମାନେ ପ୍ରକାଶ କରିଥିଲେ। ଏହି ସଭାକୁ ଶିକ୍ଷାବିତ୍ ମୁରଲୀଧର ରଥ, ଭୀମସେନ ପ୍ରଧାନ, ଶ୍ରେୟାଶ୍ରୀ ଦାଶ, ବର୍ଷା ପ୍ରିୟଦର୍ଶିନୀ ଦାଶ, ପ୍ରମୋଦ କୁମାର ସାହୁ ପରିଚାଳନା କରିଥିଲେ।

## ଶ୍ରୀ ଆନନ୍ଦ ମୂର୍ତ୍ତିଙ୍କ ଜୟନ୍ତୀ

**କେନ୍ଦ୍ରାପଡ଼ା, ୩ା୫ (ଜଗନ୍ନାଥ ଧଳ)**

ଆଧ୍ୟାତ୍ମିକ ସଙ୍ଗଠନ ଆନନ୍ଦ ମାର୍ଗର ପ୍ରତିଷ୍ଠାତା ଗୁରୁ ଶ୍ରୀ ଆନନ୍ଦ ମୂର୍ତ୍ତିଙ୍କ ୧୦୫ତମ ଜୟନ୍ତୀ କେନ୍ଦ୍ରାପଡା ସହର ଗରାପୁରସ୍ଥିତ ଆନନ୍ଦମାର୍ଗ ଜାଗୃତିରେ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା ସମ୍ପାଦକ ଅଶୋକ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଜୀବନ ପଥରେ ଆନନ୍ଦ ଓ ସାମ୍ପ୍ରତିକ ସ୍ଥିତି ଶୀର୍ଷକ ଥିଲା। ଏଥିରେ କାହ୍ନୁଚରଣ ବେହେରା, ପ୍ରମୋଦ ଦେବ ଓ ଅଶୋକ ମହାରଣା ଆଲୋଚକ ଭାବେ ଯୋଗ ଦେଇଥିଲେ। ସେମାନେ କହିଥିଲେ, ଗୁରୁ ଆନନ୍ଦ ମୂର୍ତ୍ତି ଜୀବନ ପଥକୁ ସରଳ କରିବା ପାଇଁ ୧୬ଟି ନିୟମ ପ୍ରଣୟନ କରିଥିଲେ, ଯାହା ଅଧ୍ୟାତ୍ମ ସହ ସାମାଜିକ କ୍ଷେତ୍ରକୁ ବିସ୍ତାରିତ କରେ। ଆସନ, ମୁଦ୍ରା, ବନ୍ଧ, ପ୍ରାଣାୟମ, ସ୍ୱଚିନ୍ତନ ସହ ଦୁଇଟି ସ୍ୱତନ୍ତ୍ର ନୃତ୍ୟ ଆଦି ମନର ସ୍ଥିରତାକୁ ସୁଦୃଢ଼ କରେ। ସେହିପରି ଉପବାସ ଓ ସାତ୍ତ୍ୱିକ ଭୋଜନ ଜୀବନ ପଥକୁ ସରଳ କରେ। ୧୯୫୫ରେ ଗୁରୁ ଆନନ୍ଦ ମୂର୍ତ୍ତି ଏହି ସଙ୍ଗଠନ ପ୍ରତିଷ୍ଠା କରିବା ପରେ ସାଙ୍ଗଠନିକ ଶକ୍ତି ଦେଶର ବିଭିନ୍ନ ସ୍ଥାନ ସହ ବିଦେଶରେ ଆଦୃତି ଲାଭ କରିଛି। ଅଧ୍ୟାତ୍ମିକ ସହ ସାମାଜିକ, ଅର୍ଥନୈତିକ, ସଂସ୍କୃତି, ସାମାଜିକ କର୍ମ, ଶିକ୍ଷା, ସଙ୍ଗୀତ ଓ ନାରୀ ଜାଗରଣକୁ ଏହି ସଙ୍ଗଠନ ପ୍ରୋତ୍ସାହିତ କରିଆସିଥିବା ଆଲୋଚକମାନେ କହିଥିଲେ। କେନ୍ଦ୍ରାପଡା ଜିଲା ମୁଖ୍ୟ ଆଚାର୍ଯ୍ୟ ବିକାଶାନନ୍ଦ ଅବଧୂତଙ୍କ ପରିଚାଳନାରେ ଆୟୋଜିତ ଆଲୋଚନାଚକ୍ରରେ ବହୁ ଆନନ୍ଦମାର୍ଗୀ ସନ୍ୟାସୀ, ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ବର୍ଜ୍ୟବସ୍ତୁ ପରିଚାଳନାକୁ ନେଇ ଉଠିଲା ପ୍ରଶ୍ନ

**ପଟ୍ଟାମୁଣ୍ଡାଇ,୩ା୫(କଳ୍ପତରୁ ନାୟକ)**



କୋର୍ଟ ପଛପାର୍ଶ୍ୱ ଆବର୍ଜନାରେ ନିଆଁ ଲାଗିଛି।

■ ଆବର୍ଜନା ଗଦାରେ ଲଗାଯାଉଛି ନିଆଁ
■ ନିଆଁ, ଧୂଆଁରେ ଅତିଷ୍ଠ ହେଉଛନ୍ତି ଲୋକେ
■ ଦାୟିତ୍ୱରେ ଥିବା ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରାଯିବ: ପୌର ନିର୍ବାହୀ ଅଧିକାରୀ

ସହରର ସ୍ୱଚ୍ଛ ଓ ସୁସ୍ଥ ପରିମଳ ପ୍ରତ୍ୟେକ ସ୍ୱାୟତ୍ତ ସଂସ୍ଥାର ମୌଳିକ ଦାୟିତ୍ୱ। ହେଲେ ପଟ୍ଟାମୁଣ୍ଡାଇ ପୌର ପରିଷଦରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ମ୍ୟୁନିସିପାଲିଟି ଅଞ୍ଚଳରେ ବର୍ଜ୍ୟବସ୍ତୁ ପୋଡ଼ିବା ଆଇନତଃ ଅପରାଧ ହୋଇଥିଲେ ମଧ୍ୟ ପଟ୍ଟାମୁଣ୍ଡାଇ ସହରର ଅନେକ ସ୍ଥାନରେ ଆବର୍ଜନା ପୋଡାଯାଉଛି। ଏଥିଯୋଗୁ ସେଠାରେ ବାୟୁ ପ୍ରଦୂଷଣ ସହ ଶ୍ୱାସକ୍ରିୟାଜନିତ ରୋଗରେ ଲୋକେ ଆକ୍ରାନ୍ତ ହେଉଛନ୍ତି। ଏଥିସହ ଏହା ବର୍ଜ୍ୟବସ୍ତୁ ପରିଚାଳନା ନିୟମର ଉଲ୍ଲଂଘନ କରୁଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ୨୦ଟି ୱାର୍ଡକୁ ନେଇ ଗଠିତ। ୨୦୧୧ ଜନଗଣନା ଅନୁଯାୟୀ ୨୭ହଜାର ୫୫୮ ଲୋକ ଏଠାରେ ବସବାସ କରୁଛନ୍ତି। ଇତିମଧ୍ୟରେ ୧୫ବର୍ଷ ବିତିଗଲାଣି। ଲୋକସଂଖ୍ୟା ବି ଢେର ବଢିସାରିଲାଣି। ମାତ୍ର ପୌରସଂସ୍ଥାର ଲୋକସଂଖ୍ୟା ହିସାବରେ ୮ ଟନ ଜାଗାରେ ମାତ୍ର ୩ରୁ ୪ ଟନ ଆବର୍ଜନା ଆଦାୟ ହେଉଛି। ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଅନୁସାରେ ଏହି ଆବର୍ଜନା ପରିଚାଳନା ପାଇଁ ରାଜ୍ୟ ସରକାର ୨୦୨୧ ମସିହାରେ ମାଟିଆରେ ଓ ଅନ୍ୟଟି ୨୦୨୪ ମସିହାରେ କଷଣଅଣ୍ଟାରେ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି। ସହରର ୨୦ଟି ଯାକ ୱାର୍ଡର ଆବର୍ଜନା ଉଠାଇବା ଦାୟିତ୍ୱ କେନ୍ଦୁଝରର ଏକ ବେସରକାରୀ ସଂସ୍ଥା ୟୁନିଭରସାଲ ସିକ୍ୟୁରିଟି ସର୍ଭିସକୁ ଦିଆଯାଇଛି। ସମ୍ପୃକ୍ତ ଠିକାସଂସ୍ଥା ସହରର ଆବର୍ଜନା ଏଣେତେଣେ ଗଦା କରିବା ସହ ବର୍ଜ୍ୟବସ୍ତୁର ଉପଯୁକ୍ତ ପରିଚାଳନା ନ କରି ନିଆଁ ଲଗାଇ ଦେଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ସ୍ଥାନୀୟ ଲୋକେ ଓ ବ୍ୟବସାୟୀ ମଧ୍ୟ ଅଳିଆ ଗଦାକରି ନିଆଁ ଲଗାଇଦେଉଛନ୍ତି। ୪ ଦିନ ପୂର୍ବରୁ ପଟ୍ଟାମୁଣ୍ଡାଇ କୋର୍ଟପଛ ଆବର୍ଜନା ଗଦାରେ କିଏ ନିଆଁ ଲଗାଇ ଦେଇଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ନିଆଁ, ଧୂଆଁରେ ଲୋକେ ଅତିଷ୍ଠ ହୋଇ ପଡିଥିଲେ। ଖବରପାଇ ପୌର କର୍ମଚାରୀ ଏହାକୁ ଆୟତ୍ତ କରିବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ପୌରସଂସ୍ଥା କାନ୍ଥବାଡରେ ସ୍ୱଚ୍ଛ ପରିମଳ ପାଇଁ ବିଭିନ୍ନ ନିୟମ ପାଳନ କରିବାକୁ ଅର୍ଥ ଖର୍ଚ୍ଚ କରି ବହୁ ସଚେତନତାର ବାର୍ତ୍ତା ଲେଖାଯାଉଛି। ଉଲ୍ଲଂଘନକାରୀଙ୍କୁ ଜାତୀୟ ସବୁଜ ପ୍ରାଧିକରଣଙ୍କ ଦ୍ୱାରା ୫ରୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ ବୋଲି ଦର୍ଶାଯାଇଛି। ହେଲେ ଉକ୍ତ ନିୟମକୁ ପାଳନ ନ କରି ପୌର ପରିଷଦ ଆଇନର ଉଲ୍ଲଂଘନ କରୁଥିବା ବେଳେ ଜନସାଧାରଣ ମଧ୍ୟ ଏଥିରୁ ବାଦ୍ ପଡୁ ନ ଥିବା ଅଭିଯୋଗ ହୋଇଛି। ପରିମଳ ବ୍ୟବସ୍ଥା ପାଇଁ ନିୟୋଜିତ ଠିକାସଂସ୍ଥା ସରକାରୀ ଭାବେ ମାସକୁ ପ୍ରାୟ ୧୪ ଲକ୍ଷ ଟଙ୍କା ନେଉଛି। ହେଲେ ରାସ୍ତାକଡ଼ରୁ ମଇଳା ନ ଉଠିବା, ଡ୍ରେନ୍ ସଫା ନ ହେବା ଯୋଗୁ ମଶାଙ୍କ ପ୍ରାଦୁର୍ଭାବ ଚରମସୀମାରେ ପହଞ୍ଚିଛି। ପୌର ପରିଷଦ ତରଫରୁ ନିୟୋଜିତ ସଂସ୍ଥା ଦ୍ୱାରା କୌଣସି ମଶାମରା ଔଷଧ ବ୍ୟବହାର ହେଉନାହିଁ। ପ୍ରାୟ ୬ ମାସ ହେବ ସହରର ଅଧିକାଂଶ ଡ୍ରେନ ସଫା ହୋଇନାହିଁ। ଡ୍ରେନରେ ଆବଶ୍ୟକ ମଶାତେଲ ସିଞ୍ଚନ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶଙ୍କୁ ପଚାରିବାରୁ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରେ ନିୟମିତ ଆବର୍ଜନା ପ୍ରକ୍ରିୟାକରଣ କରି ରାଜଗାଙ୍ଗପୁର ପଠାଯାଉଛି। ତେବେ କେଉଁ ପରିସ୍ଥିତିରେ ଅଳିଆ, ଆବର୍ଜନା କେନ୍ଦ୍ରକୁ ନ ଯାଇ ବାହାରେ ଗଦା ହେଉଛି ଓ ପୋଡାଯାଉଛି ସେ ନେଇ ଦାୟିତ୍ୱରେ ଥିବା ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ସୋମବାର ଡକାଯାଇ ପଚରାଯିବ। ତ୍ରୁଟି ପରିଲକ୍ଷିତ ହେଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ବର୍ଜ୍ୟ ସାମଗ୍ରୀକୁ ଦାୟିତ୍ୱରେ ଥିବା ସଂସ୍ଥାକୁ ନ ଦେଇ ବାହାରେ ପକାଇ ନିଆଁ ଲଗାଇବା ଜଣାପଡିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜରିମାନା କରାଯିବ ବୋଲି ସେ କହିଛନ୍ତି।

# ମାଟ୍ରିକ ଫଳାଫଳକୁ ନେଇ କ୍ଷୋଭ

ନୟାଗଡ଼,୩।୫(ଲୋକନାଥ ମିଶ୍ର)

■ଖୋଜିଲେ ମିଳିଲେନି ଏ-୧ ଗ୍ରେଡ୍‌ଧାରୀ
■ସାମାଜିକ ଗଣମାଧ୍ୟମରେ ପ୍ରତିବାଦର ସ୍ୱର

ଚଳିତ ବର୍ଷର ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ନୟାଗଡ଼ ଜିଲା ସଦର ମହକୁମାରେ ଥିବା ପ୍ରମୁଖ ହାଇସ୍କୁଲଗୁଡ଼ିକରେ ଏ-୧ ଗ୍ରେଡ୍‌ଧାରୀଙ୍କ ସଂଖ୍ୟା ଖୋଜିଲେ ନ ମିଳିବାରୁ ଅସନ୍ତୋଷ, ଉଦ୍‌ବେଗ ଓ କ୍ଷୋଭ ବଢ଼ିବାରେ ଲାଗିଛି। ଜିଲା ସଦର ମହକୁମାରେ ଥିବା ବ୍ରଜେନ୍ଦ୍ର ହାଇସ୍କୁଲ ଓ ଏନ୍‌ଏସି ପରି ହାଇସ୍କୁଲ, ୨୩୬ ହାଇସ୍କୁଲରୁ ୨୦୦ ସ୍କୁଲରେ ଏ-୧ ଗ୍ରେଡ୍ ନ ଥିବା ଓ ୨୧ରୁ ୧୭ ପିଏମ୍‌ଶ୍ରୀ ସ୍କୁଲ ଏ-୧ ଗ୍ରେଡ୍‌ଧାରୀ ଶୂନ୍ୟ ଜଣାପଡିବା ପରେ ସମାଲୋଚନା ହେଉଛି। ମାଟ୍ରିକ ଫଳାଫଳକୁ ନେଇ ସାମାଜିକ ଗଣମାଧ୍ୟମରେ ପ୍ରତିବାଦର ସ୍ୱର ତୀବ୍ର ହୋଇଛି।

ମାଟ୍ରିକ ଫଳାଫଳକୁ ନେଇ ଆଇନଜୀବୀ ରଣଜିତ ଦାଶ ଶିକ୍ଷା ବିଭାଗ ଉପରେ ଅସନ୍ତୋଷ ବ୍ୟକ୍ତ କରି ସାମାଜିକ ଗଣମାଧ୍ୟମରେ ଜିଲାପାଳଙ୍କୁ ଖୋଲା ଚିଠି ପଠାଇଛନ୍ତି। ଚିଠିରେ ମାଟ୍ରିକ ଫଳାଫଳକୁ ନେଇ ଉଦ୍‌ବେଗ ଓ ପ୍ରତିବାଦ ପରେ ବହୁ ୟୁଜର୍ସ ଏଥିରେ ସାମିଲ ହୋଇଛନ୍ତି। ଆସନ୍ତା ବର୍ଷର ଦଶମ ପରୀକ୍ଷା ଫଳାଫଳକୁ ଭଲ କରିବା ପାଇଁ ଜିଲା ସଦର ମହକୁମାରେ ଥିବା ହାଇସ୍କୁଲର ଶିକ୍ଷକମାନଙ୍କୁ ବଦଳି କରିବାକୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ଶିକ୍ଷା ଅଧିକାରୀଙ୍କ ଅନୁକମ୍ପା ବା ସୁପାରିସରେ ବଦଳି କରାଗଲେ ଶିକ୍ଷା ବ୍ୟବସ୍ଥା ଲୋପ ପାଇଯିବ ବୋଲି ଦାଶ ଦର୍ଶାଇଛନ୍ତି। ବିଶ୍ୱଜିତ ସାହୁ ନାମକ ଜଣେ ୟୁଜର୍ସ ଫଳାଫଳକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ତେବେ ଫଳାଫଳକୁ ନେଇ କେବଳ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦାୟୀ କରାଯାଇ ପାରିବ ନାହିଁ। ଭଲ ପିଲାମାନେ ଘରୋଇ ଶିକ୍ଷାନୁଷ୍ଠାନରେ ପଢୁଥିବାରୁ ସରକାରୀ ବ୍ୟବସ୍ଥାରେ ସୁଧାର ଅଣାଯିବା ଦରକାର ବୋଲି ଦର୍ଶାଇଛନ୍ତି।

ଶ୍ରୀତମ କୁମାର ପ୍ରଧାନ ୟୁଜର୍ସ ଲେଖିଛନ୍ତି, ଶିକ୍ଷୟିତ୍ରୀ ଶିକ୍ଷକ ଗୋଟିଏ ସ୍ଥାନରେ ବହୁ ବର୍ଷ ହେଲା ରହି ଶିକ୍ଷକତା କମ୍, ରାଜନୀତି ବେଶି କରୁଛନ୍ତି। ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସ୍ଥାନାନ୍ତର କରାଯିବା ଦରକାର। ବେଣୁଧର ଦାଶ ଗୁଣାତ୍ମକ ଶିକ୍ଷାଦାନକୁ ଗୁରୁତ୍ୱ ଦେଇଛନ୍ତି। ପୂର୍ଣ୍ଣି ପଣ୍ଡା ନାମକ ୟୁଜର୍ସ ଲେଖିଛନ୍ତି, ଶିକ୍ଷା ପ୍ରତି ଶିକ୍ଷୟିତ୍ରୀ ଶିକ୍ଷକଙ୍କର ଆଗ୍ରହର ଅଭାବ ରହିଛି। ଯାହାକି ଶିକ୍ଷା ବ୍ୟବସ୍ଥାର ଅଧୋଗତିର କାରଣ।

ୟୁଜର୍ସ ରମେଶ ନାୟକ ଲେଖିଛନ୍ତି, ସରକାରୀ ସ୍କୁଲରେ କୌଣସି ପରୀକ୍ଷା କଲେ ତୁରନ୍ତ ଖାତା ଦେଖାଯାଏ ନାହିଁ। ପିଲା ଅଥବା ଅଭିଭାବକ ଦାବି କଲେ ବହୁ କଷ୍ଟରେ ଖାତା ଦେଖାନ୍ତି। ଏଭଳି ସ୍କୁଲରେ ରେଜଲ୍ଟ ଭଲ କ'ଣ ହେବ ବୋଲି ପ୍ରଶ୍ନ କରିଛନ୍ତି। ସୌମ୍ୟ ରଞ୍ଜନ ପ୍ରଧାନ ଲେଖିଛନ୍ତି, ଯେଉଁ ସ୍କୁଲ ଭଲ ରେଜଲ୍ଟ କରିନି ସେହି ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦରମା ବନ୍ଦ କରାଯାଉ। ସମ୍ପୃକ୍ତ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପଦୋନ୍ନତି ଦିଆ ନ ଯାଇ ଅନ୍ୟ ଜିଲାକୁ ବଦଳି କରାଯାଉ ବୋଲି ଦାବି କରିଛନ୍ତି।

## ୨୧ରୁ ୧୭ ପିଏମ୍‌ଶ୍ରୀ ସ୍କୁଲରେ ଏ-୧ ଶୂନ୍

ସରକାର ପିଏମ୍‌ଶ୍ରୀ ହାଇସ୍କୁଲ ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଫଳ ଶୂନ। ଯାହା ମାଟ୍ରିକ ଫଳ ପ୍ରକାଶ ପରେ ଦେଖାଯାଇଛି। ନୟାଗଡ଼ ଜିଲାରେ ୨୧ଟି ପିଏମ୍‌ଶ୍ରୀ ହାଇସ୍କୁଲ ରହିଛି। ୨୧ରୁ ୧୭ ସ୍କୁଲରେ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଏ-୧ ଗ୍ରେଡ୍ ଶୂନ୍ୟ ରହିଛି। ମାତ୍ର ୪ଟି ସ୍କୁଲରେ ମାଟ୍ରିକ ପରୀକ୍ଷାରେ ଏ-ଗ୍ରେଡ୍‌ରେ ୯ ଛାତ୍ରୀଛାତ୍ର ଅଛନ୍ତି। ୪ ସ୍କୁଲ ମଧ୍ୟରେ ରଣପୁର ବ୍ଲକରୁ ୨, ନୂଆଗାଁରୁ ୧ ଓ ଓଡଗାଁ ବ୍ଲକରୁ ୧ଟି ସ୍କୁଲ ରହିଛି। ଭାପୁର ବ୍ଲକ ଗୋପୀନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପଦ୍ମାବତୀ ଓ ଗଣିଆ ବ୍ଲକର କିଶୋର ଚନ୍ଦ୍ର ବିଦ୍ୟାପୀଠ ଗଣିଆରେ ଆଦୌ ଏ-୧ ଗ୍ରେଡ୍‌ଧାରୀ ନାହାନ୍ତି। ଦଶପଲ୍ଲା ବ୍ଲକ ଓ ଏନ୍‌ଏସିରେ ଥିବା ମଧ୍ୟଖଣ୍ଡ ନୋଡାଲ ହାଇସ୍କୁଲ, ଆର୍‌ଏମ୍‌ଜେ ନୋଡାଲ ହାଇସ୍କୁଲ ସାତପାଟଣା, କୁଲୁରୁକୁମ୍ପା ସରକାରୀ ୟୁଜି ହାଇସ୍କୁଲ, ଦଶପଲ୍ଲା ଏନ୍‌ଏସି ବାଳିକା ଉଚ୍ଚ ବିଦ୍ୟାଳୟ ପରି ୪ଟି ପିଏମ୍‌ଶ୍ରୀ ସ୍କୁଲରେ ଏ-୧ ରେଜଲ୍ଟ ନାହିଁ। ଖଣ୍ଡପଡା ବ୍ଲକରେ ଏସ୍.ବି.ହାଇସ୍କୁଲ ବେଣାଗାଡିଆ, ଆର.ସି. ହାଇସ୍କୁଲ ଖଣ୍ଡପଡା, କୁଞ୍ଜବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ କଣ୍ଟିଲୋ ପରି ୩ ପିଏମ୍‌ଶ୍ରୀ ସ୍କୁଲ ରହିଥିଲେ ମଧ୍ୟ ଏଠାରେ ଏ-୧ ଗ୍ରେଡ୍‌ରେ କେହି ପାସ୍ କରି ନାହାନ୍ତି।

ସେହିଭଳି ନୟାଗଡ଼ ବ୍ଲକ ଓ ମ୍ୟୁନିସିପାଲିଟି ଲାଠିପଡା ସରକାରୀ ହାଇସ୍କୁଲ, ବ୍ରଜେନ୍ଦ୍ର ହାଇସ୍କୁଲ ନୟାଗଡ଼, ରାଧାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ଚଣ୍ଡୀବସ୍ତ ଓ ନୟାଗଡ଼ ଏନ୍‌ଏସି ହାଇସ୍କୁଲ ପରି ୪ଟି ପିଏମ୍‌ଶ୍ରୀ ସ୍କୁଲ ଥିଲେ ମଧ୍ୟ ଏ -୧ରେ ସ୍ଥାନ ନାହିଁ। ଓଡଗାଁ ବ୍ଲକ ଓ ଏନ୍‌ଏସିରେ ୩ ପିଏମ୍‌ଶ୍ରୀ ସ୍କୁଲ ଥିବା ବେଳେ ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟର ୨ଜଣ ଏ-୧ ଗ୍ରେଡ୍‌ଧାରୀଙ୍କୁ ଛାଡିଦେଲେ ବ୍ଲକର ନାରାୟଣ ହାଇସ୍କୁଲ ଶରଣକୁଳ ଓ ସୋଲପଟା ସରକାରୀ ଉଚ୍ଚ ବିଦ୍ୟାଳୟରେ ଏ-୧ ରେଜଲ୍ଟ ଶୂନ। ନୂଆଗାଁ ବ୍ଲକରେ ୨ଟି ପିଏମ୍‌ଶ୍ରୀ ସ୍କୁଲ ଥିବାବେଳେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମହୀପୁରରୁ ଜଣେ ଏ-୧ ଗ୍ରେଡ୍‌ଧାରୀଙ୍କୁ ଛାଡିଦେଲେ ନୂଆଗାଁ ହାଇସ୍କୁଲରେ ଏ-୧ ଗ୍ରେଡ୍‌ଧାରୀ ନାହାନ୍ତି। ରଣପୁର ବ୍ଲକରେ ୩ ହାଇସ୍କୁଲ ଥିବାବେଳେ ରଘୁନାଥ ନୋଡାଲ ହାଇସ୍କୁଲରେ ଏ -୧ ଗ୍ରେଡ୍‌ଧାରୀ କେହିନାହାନ୍ତି। ତେବେ ବିସି ହାଇସ୍କୁଲ ରଣପୁରରୁ ୨ଜଣ ଓ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଗୋପାଳପୁରରୁ ୪ଜଣ ଏ-୧ ଗ୍ରେଡ୍‌ରେ ପାସ୍ କରିଛନ୍ତି।

# ମାଟ୍ରିକ ପରୀକ୍ଷା ଫଳ: ବ୍ଲକ ପାଇଁ ଗର୍ବ ଆଣିଲେ ଟପ୍ପର


ସସ୍ମିତା ବେହେରା


ଆୟୁଷ କୁମାର ସାହୁ


ବର୍ଷାରାଣୀ ଜେନା


ଅଜିତ କୁମାର ତ୍ରିପାଠୀ


ସରୋଜ କୁମାର ଜେନା


ରଶ୍ମିତା ସାହୁ


ବିଷ୍ଣୁପ୍ରସାଦ ସାହୁ


ପ୍ରତାପ କୁମାର ଘଡେଇ

ନୟାଗଡ଼/ଖଣ୍ଡପଡା/ରଣପୁର/ଓଡଗାଁ/ନୂଆଗାଁ/ଭାପୁର/ଗଣିଆ/ଦଶପଲ୍ଲା,୩।୫(ଲୋକନାଥ ମିଶ୍ର/ଅଜୟ କୁମାର ମହାରଣା/ସୁକାନ୍ତ କିଶୋର ଡାକୁଆ/ନାରାୟଣ ପାଣିଗ୍ରାହୀ/ ଧନେଶ୍ୱର ସାହୁ/ପ୍ରଭାତ ବରାଡ/ପ୍ରକାଶ କୁମାର ପାଣି)

ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଜିଲାରେ ୫୨ ଏ ଗ୍ରେଡ ପାଇଛନ୍ତି । ନୟାଗଡ଼ ବ୍ଲକର ସରୋଜ କୁମାର ଜେନା ବ୍ଲକ ଓ ଜିଲା ଟପ୍ପର ହୋଇଛନ୍ତି। କ୍ରିଦାଶପୁର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ସରୋଜ ୬୦୦ରୁ ୫୭୨ ନମ୍ବର ରଖିଛନ୍ତି। ନୟାଗଡ଼ ବ୍ଲକରେ ୧୬ ଏ-୧ ଗ୍ରେଡ ପାଇଛନ୍ତି। ସେହିପରି ଖଣ୍ଡପଡା ବ୍ଲକରେ ୫ଜଣ ଏ-୧ ପାଇଥିବା ବେଳେ ବନମାଳୀପୁର ଉଚ୍ଚ ବିଦ୍ୟାଳୟ ଛାତ୍ର ଅଜିତ କୁମାର ତ୍ରିପାଠୀ ୫୫୭ ନମ୍ବର ରଖି ଖଣ୍ଡପଡା ବ୍ଲକ ଟପ୍ପର ହୋଇଛନ୍ତି। ଓଡଗାଁ ବ୍ଲକରେ ୧୧ ଏ-୧ ଗ୍ରେଡ୍ ପାଇଥିବା ବେଳେ କୁରୁମ ବାଙ୍କତରା ନୋଡାଲ ହାଇସ୍କୁଲର ଛାତ୍ର ବିଷ୍ଣୁ ପ୍ରସାଦ ସାହୁ ୫୫୭ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ଗଣିଆ ବ୍ଲକରେ ଜଣେ ଏ -୧ ଗ୍ରେଡ୍‌ରେ ଥିବାବେଳେ ପଦ୍ମନାଭ ଉଚ୍ଚ ବିଦ୍ୟାଳୟ ଆଡକଟାର ଛାତ୍ରୀ ବର୍ଷାରାଣୀ ଜେନା ୫୪୦ ନମ୍ବର ରଖି ବ୍ଲକ ଟପ୍ପର ତାଲିକାରେ ଅଛନ୍ତି। ଭାପୁର ବ୍ଲକରେ ଜଣେ ଏ-୧ ପାଇଥିବାବେଳେ ବଡସହରା ଆଞ୍ଚଳିକ ଉଚ୍ଚ ସରକାରୀ ବିଦ୍ୟାଳୟର ସସ୍ମିତା ବେହେରା ୫୫୪ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି । ରଣପୁର ବ୍ଲକରେ ୧୫ଜଣ ଏ-୧ ଗ୍ରେଡ୍ ପାଇଥିବାବେଳେ ଗୋପାଳପୁର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ପ୍ରତାପ କୁମାର ଘଡାଇ ୫୬୧ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ନୂଆଗାଁ ବ୍ଲକରେ ଏ -୧ ଗ୍ରେଡ ୩ ଜଣ ପାଇଥିବାବେଳେ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମହୀପୁରର ରଶ୍ମିତା ସାହୁ ୫୪୬ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ଦଶପଲ୍ଲା ବ୍ଲକରେ ଏ-୧ ଗ୍ରେଡ୍ କେହି ପାଇ ନାହାନ୍ତି। ତେବେ ବ୍ଲକ ଟପ୍ପର ସାତପାଟଣା ହାଇସ୍କୁଲର ଆୟୁଷ କୁମାର ସାହୁ ୫୨୯ ନମ୍ବର ରଖି ଟପ୍ପର ହୋଇଛନ୍ତି।

# ବାହାଡ଼ା, ରାଜକିଆରି ଛକରେ ଫାଣ୍ଡି ପ୍ରତିଷ୍ଠା ଦାବି

ଖଣ୍ଡପଡା,୩।୫
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ବନମାଳୀପୁର ପଞ୍ଚାୟତ ବାହାଡା ଓ ସିଧାମୂଳା ପଞ୍ଚାୟତର ରାଜକିଆରି ଛକରେ ଫାଣ୍ଡି ପ୍ରତିଷ୍ଠା ଲାଗି ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦୀର୍ଘ ବର୍ଷ ଧରି ଦାବି କରି ଆସୁଛନ୍ତି। ମାତ୍ର ଏଥିପ୍ରତି ପୋଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସିଧାମୂଳା ପଞ୍ଚାୟତ ରାଜକିଆରୀ ଛକଟି କଣ୍ଟିଲୋରୁ ଦଶପଲ୍ଲାକୁ ସଂଯୋଗ କରୁଥିବା ୪୮ ନଂ. ରାଜ୍ୟ ରାଜପଥ ଉପରେ ଅବସ୍ଥିତ । ରାଜକିଆରି ଛକଠାରୁ ସିଧାମୂଳା ଗ୍ରାମର ମହାନଦୀ ସେତୁ ଦେଇ ସଡ଼କ ପଥରେ ଯାନବାହନଗୁଡିକ କଟକ, ଅନୁଗୋଳ, ଢେଙ୍କାନାଳ ଓ ସମ୍ବଲପୁର ଜିଲାକୁ ଯାତାୟାତ କରୁଥିବା ବେଳେ ବିଭିନ୍ନ ସମୟରେ ଚୋର, ତସ୍କର ଓ ଲୁଟେରାମାନେ ସିଧାମୂଳା ସେତୁ ଦେଇ ଆସି ରାଜକିଆରି ଛକରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରି ଘଟଣା ସ୍ଥଳରୁ ଫେରାର ହୋଇଯିବାରେ ସକ୍ଷମ ହୋଇଥିବାର ନଜିର ରହିଛି । ପୋଲିସ ପହଞ୍ଚିବା ବେଳକୁ ସବୁକିଛି ଶେଷ ହୋଇଯାଇଥାଏ । କଣ୍ଟିଲୋ ଫାଣ୍ଡିଠାରୁ ରାଜକିଆରି ଛକର ଦୂରତ୍ୱ ୧୦ କି.ମି.ହୋଇଥିବାରୁ ଏହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିମାନେ ଆପରାଧିକ କାର୍ଯ୍ୟକଳାପ ଘଟାଇବା ପାଇଁ ସାହସ ଜୁଟାଇଥାନ୍ତି ବୋଲି ଅଞ୍ଚଳବାସୀଙ୍କଠାରୁ ପ୍ରକାଶ । ସର୍ବସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବାହାଡା ଛକରେ ଏକ ଫାଣ୍ଡି ପ୍ରତିଷ୍ଠା କରାଗଲେ ଅଞ୍ଚଳବାସୀ ଉପକୃତ ହୋଇପାରନ୍ତେ ବୋଲି ଜଣାପଡିଛି। ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବାହାଡା ଓ ରାଜକିଆରି ଛକରେ ୨ଟି ଫାଣ୍ଡି ପ୍ରତିଷ୍ଠା ଲାଗି ପୋଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କ ଗୃହ ବିଭାଗ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

# ଗାଡି ଦୁର୍ଘଟଣା, ଜଣେ ଗୁରୁତର

ଓଡଗାଁ,୩।୫(ନାରାୟଣ ପାଣିଗ୍ରାହୀ)

ଓଡଗାଁଠାରୁ ରାବରା ଗ୍ରାମରୁ ଗୋଦାବରୀ ମହାପାତ୍ର ପୂଜା କାମସାରି ସ୍କୁଟିରେ ଶ୍ରୀ ମଧୁକେଶ୍ୱର ଠାକୁରଙ୍କ ପାଖକୁ ରବିବାର ଅପରାହ୍ନ ୨ଟାରେ ଯାଉଥିଲେ । ସେ ସମୟରେ ନନ୍ଦିଘୋର ଗ୍ରାମର ଦିଲୀପ ବରାଦଙ୍କ ପୁଅ ବାପି (୩୦) ରାବରା ଗ୍ରାମରୁ ତାଙ୍କ ବାଇକ୍ ନଂ ଓଆରଓ ୨ଏଏ ୪୬୦୫ ଯୋଗେ ଫେରିବା ସମୟରେ ତାଙ୍କୁ ଧକ୍କା ଦେଇଥିଲେ । ଫଳରେ ସେ ରାସ୍ତାରେ ପଡ଼ିଥିଲେ ଓ ତାଙ୍କର ଡାହାଣ ପଟ ଗୋଡ ଭାଙ୍ଗି ଯିବା ସହିତ ପ୍ରଚୁର ରକ୍ତସ୍ରାବ ହୋଇଛ। ତାପରେ ଓଡଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରି ଥାନାକୁ ନେଇଛ। ଗ୍ରାମର ଲୋକମାନଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପ୍ରଥମେ ଓଡଗାଁ ଡାକ୍ତରଖାନାକୁ ନିଆଯାଇଥିଲା ଓ ପରେ ଭୁବନେଶ୍ୱର ଏମ୍ସ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛ। ପ୍ରତ୍ୟକ୍ଷ୍ୟଦର୍ଶୀଙ୍କ ଠାରୁ ପ୍ରକାଶ, ବାପି ଦ୍ରୁତ ଗତିରେ ଗାଡି ଚଳାଉଥିଲେ । ସେ ଜାଗାଟି ନିଛାଟିଆ ଥିବାରୁ ଗାଡି ମାଡ କରି ସେ ପଳାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଗ୍ରାମର କେତେକ ଯୁବକ ପହଞ୍ଚିଯିବାରୁ ସେ ଆଉ ଯାଇପାରି ନ ଥିଲେ । ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସରିତା


@ ସୀତାଂଶୁ


@ ଶିବ


@ ଇନ୍ୟା


@ ଅବିନାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏମ୍‌ଜିଏନ୍‌ଆରଇଜିଏସ୍‌ର ପୁନଃ ପ୍ରଚଳନ ଦାବି


ଏମ୍‌ଜିଏନ୍‌ଆରଇଜିଏସ୍ ନେଇ ଆଲୋଚନା ବୈଠକରେ କ୍ଷେତ ମଜଦୁର ୟୁନିଅନ କର୍ମକର୍ତ୍ତା ।

ନୟାଗଡ଼,୩।୫(ଲୋକନାଥ ମିଶ୍ର)

ଓଡ଼ିଶା କ୍ଷେତମଜଦୂର ୟୁନିଅନ ନୟାଗଡ଼ ଜିଲା ସମ୍ମିଳନୀ ଅବସରରେ ରବିବାର ନୟାଗଡ଼ କଷ୍ଟିଡାକୁଆ ଭବନରେ କେନ୍ଦ୍ର ସରକାର ବନ୍ଦ କରିଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ର ପୁନଃ ପ୍ରଚଳନ ଓ ଦୈନିକ ୭ ଶହ ଟଙ୍କା ମଜୁରୀ ସହିତ ୨ ଶହ ଦିନର କାମ ନିମନ୍ତେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ଶ୍ରମିକ ନେତା ଶରତ ଚନ୍ଦ୍ର ବେହେରା ଲାଲ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀକୁ ଉଦ୍‌ଘାଟନ କରି ସଂଗଠନ ରାଜ୍ୟ ସମ୍ପାଦକ କମ୍ରେଡ ନିର୍ମଳ ଚନ୍ଦ୍ର ନାୟକ କେନ୍ଦ୍ର ସରକାରର ଶ୍ରମିକ ବିରୋଧୀ ନୀତିକୁ କଟୁ ସମାଲୋଚନା କରିବା ସହିତ କାମ ଅଭାବରୁ କ୍ଷେତ ମୂଲିଆ ଓ ଅଭାବୀ ଚାଷୀମାନେ କିଭଳି ଦୟନୀୟ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି, ତାହାର

### ସରକାର ଅଣଦେଖା କଲେ ଆନ୍ଦୋଳନ ଚେତାବନୀ

ନିଛକ ଚିତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ଜିଲାରେ ମୂଲିଆ ତଥା ଭାଗଚାଷୀ ଆନ୍ଦୋଳନ ଗଢି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ସଂଗଠନର ଜିଲା ସମ୍ପାଦକ ଦୁଃଶାସନ ଜେନା ରିପୋର୍ଟ ଉପସ୍ଥାପିତ କରିଥିଲେ। ୮ ବ୍ଲକର ପ୍ରତିନିଧିମାନେ ଆଲୋଚନା କରିଥିଲେ। ସମ୍ମିଳନୀକୁ ସମ୍ବୋଧିତ କରି ବିଶିଷ୍ଟ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର, କୃଷକ ନେତା ପବିତ୍ର ଇନ୍ଦ୍ରଜିତ, କ୍ଷେତ ମୂଲିଆ ୟୁନିଅନର ରାଜ୍ୟ କର୍ମକର୍ତ୍ତା ନିତ୍ୟାନନ୍ଦ ପରିଡ଼ା ପଛୁଆ ଜିଲା ନୟାଗଡ଼ରେ ପ୍ରତି ପଞ୍ଚାୟତରେ ସଂଗଠନ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ନୂତନ ସଭାପତି ଭାବେ କମ୍ରେଡ ବିରଞ୍ଚି ନାୟକ, ଉପସଭାପତି ସାଥୀ ଶରତ ଚନ୍ଦ୍ର ବେହେରା ଓ ଜୟନ୍ତୀ ମହାରଣା, ସମ୍ପାଦକ ଦୁଃଶାସନ ଜେନା, ଯୁଗ୍ମ ସମ୍ପାଦକ ପ୍ରଭାତ ବେହେରା ଓ ଅଶୋକ ନାୟକଙ୍କ ସହିତ ଏକ ୧୭ ଜଣିଆ ଜିଲା କମିଟି ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି ।

# ଶୂଳିଆ ଠାକୁରାଣୀଙ୍କ ନୂତନ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ

ଖଣ୍ଡପଡା,୩।୫(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ବେଣାଗାଡିଆ ପଞ୍ଚାୟତ ଗୋପୀନାଥପୁର ଗ୍ରାମ ନିକଟ ତଥା ବାଣପୁର- ଖଣ୍ଡପଡା ପୂର୍ତ୍ତ ବିଭାଗ ରାସ୍ତା ନିକଟ ଶୂଳିଆ ଛକସ୍ଥିତ ମା' ଶୂଳିଆ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠାର ତୃତୀୟ ବାର୍ଷିକ ଉତ୍ସବ, ନାମ ସଂକୀର୍ତ୍ତନ ଓ ହୋମ ଯଜ୍ଞ ରବିବାରଠାରୁ ଅନୁଷ୍ଠିତ ହେଉଛି । ଶନିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ୪୨ ମୌଜାର ଜନସାଧାରଣଙ୍କ ସମେତ ଗ୍ରାମବାସୀଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଜଣାଯାଇଛି। ଶନିବାର ମଣ୍ଡଳକରଣ, ଅଙ୍କୁରାରୋପଣ କର୍ମ ସମ୍ପାଦନ ହୋଇଥିଲା। ଏହି ଅବସରରେ ରବିବାର ସକାଳ ୭ଟାରେ ଶତାଧିକ ମହିଳା ଓ ପୁରୁଷ ନିକଟସ୍ଥ ବାଣପୁର ମହାଦେବଙ୍କ ମନ୍ଦିର ନିକଟ ମହାନଦୀ ଘାଟରୁ ୧୦୮ କଳସରେ ଜଳ ସଂଗ୍ରହ କରି ଗ୍ରାମ ପରିକ୍ରମା ସହ ନୂତନ ମନ୍ଦିର ଯଜ୍ଞ ସ୍ଥଳରେ ସ୍ଥାପନ କରିଥିଲେ । ସୋମବାର ସୂର୍ଯ୍ୟପୂଜା, ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ୪ର୍ଥ ପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେବ। ମଧ୍ୟାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ ହେବ ବୋଲି ଗୋପୀନାଥପୁର ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି । ମଙ୍ଗଳବାର ରାତ୍ର ୮ ଘଣ୍ଟା ସମୟରେ ମାତୃମଣ୍ଡଳୀ ଭାଗବତ ମେଳା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଗ୍ରାମ କମିଟି ସଦସ୍ୟ ରାଜ କିଶୋର ସାମଲ, ସୁଦର୍ଶନ ରାଉତ, ସନାତନ ବେହେରା, ତ୍ରିନାଥ ରାଉତ, ଗୋବର୍ଦ୍ଧନ ବେହେରା, କେଶବ ଜେନା, ମହେନ୍ଦ୍ର କୁମାର ଜେନା ଓ ଅରୁଣ ବରାଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।


କଳସ ଶୋଭାଯାତ୍ରା ।

